بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ
୪

ସଂଖ୍ୟା
୪-9

ସାପ୍ତାହିକ ବଦର କାଦିଆନ
Weekly BADAR Qadian
Odia

ବାର୍ଷିକ ଦେୟ:
୬୦୦/-

ସମ୍ପାଦକ :
କମରୁଲ ହକ୍ ଖାନ୍

ସହ-ସମ୍ପାଦକ :
ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

23ଫେବୃୟାରୀ-02ମାର୍ଚ୍ଚ 2023   23ତବଲିଗ୍-02ଅମାନ 1402 ହି.ଶ   02-09 ଶାବାନ 1444 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَجَزٰٓؤُا سَیِّئَۃٍ سَیِّئَۃٌ مِّثۡلُہَا ۚ
فَمَنۡ عَفَا وَاَصۡلَحَ فَاَجۡرُہٗ عَلَی اللّٰہِ ؕ
اِنَّہٗ لَا یُحِبُّ الظّٰلِمِیۡنَ

(41:سورۃ الشوریٰ)

ଅନୁବାଦ-ମନ୍ଦ କାର୍ଯ୍ୟର ପ୍ରତିଶୋଧ, କରାଯାଇଥିବା ମନ୍ଦ କର୍ଯ୍ୟର ଅନୁରୂପ ହୋଇଥାଏ ; ଏବଂ ଯେ କ୍ଷମା ପ୍ରଦାନ କରେ ଓ ସଂସ୍କାରକୁ ଦୃଷ୍ଟିରେ ରଖେ,ତାହାର ପୁରସ୍କାର ଅଲ୍ଲାଃଙ୍କ ଠାରେ ରହିଅଛି; ସେ (ଅଲ୍ଲାଃ) ଅତ୍ୟାଚାରୀମାନଙ୍କୁ ପସନ୍ଦ କରନ୍ତି ନାହିଁ । *(ଅଲ ଶୁରା : ୪୧)*

## ଅହ୍ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍ହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍ଲନା ଫି'ଉମ୍ରିହି ୱ ଅମ୍ରିହି ॥**

---

ଜଣେ ମୁସଲମାନ ପାଇଁ ଏହା ଅତ୍ୟନ୍ତ ଜରୁରୀ ଯେ ଏ ଯୁଗରେ ଇସଲାମ ଉପରେ ଯେଉଁ ବିପତି ପଡ଼ିଛି, ସେ ତାହାକୁ ଦୂର କରିବା ପାଇଁ କିଛି ନା କିଛି ଅଂଶଗ୍ରହଣ କରୁ

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ବିଧିର ବିଧାନ

ହଜରତ ମସିହ ମଉଦ ଆ ସ କହିଛନ୍ତି :"ଏବେ ଆମ ବିରୋଧିମାନଙ୍କ ମଧ୍ୟରୁ ଅନେକ ଲୋକ ଏପରି ମଧ୍ୟ ଅଛନ୍ତି ଯେଉଁମାନଙ୍କର ପ୍ରବେଶ ଆମ ଜମାତରେ ହେବା ଧାର୍ଯ୍ୟ ହୋଇସାରିଛି । ସେମାନେ ଏବେ ବିରୋଧ କରୁଛନ୍ତି କିନ୍ତୁ ଫରିସ୍ତା (ଅର୍ଥାତ ଦେବଦୂତ) ମାନେ ସେମାନଙ୍କୁ ଦେଖି ହସୁଛନ୍ତି ଯେ ତୁମେ ପରିଶେଷରେ ଏହି ଲୋକମାନଙ୍କ ମଧ୍ୟରେ ସାମିଲ ହୋଇଯିବ ।(ଅର୍ଥାତ ଜମାତ ଅହେମଦୀୟାରେ ସାମିଲ ହୋଇଯିବେ) ସେହି ଲୋକମାନେ ହେଉଛନ୍ତି ଆମର ଗୁପ୍ତ ଜମାଅତ,ସେମାନେ ଦିନେ ନା ଦିନେ ଆମ ସହିତ ଆସି ମିଶିଯିବେ ।''

### ଏ ଯୁଗର ମହାନ ଉପାସନା

"ଜଣେ ମୁସଲମାନ ପାଇଁ ଏହା ଜରୁରୀ ଯେ ଏ ଯୁଗରେ ଇସଲାମ ଉପରେ ଯେଉଁ ବିପତି ପଡ଼ିଛି, ସେ ତାହାକୁ ଦୂର କରିବା ପାଇଁ କିଛି ନା କିଛି ଅଂଶଗ୍ରହଣ କରୁ । ସବୁଠାରୁ ବଡ଼ ଉପାସନା ହେଉଛି ଏହା କି ଯେ ଏହି ବିପତିକୁ ଦୂର କରିବା କାର୍ଯ୍ୟରେ ସମସ୍ତେ ଅଂଶଗ୍ରହଣ କରନ୍ତୁ । ବର୍ତ୍ତମାନ ସମୟରେ ଯେଉଁ ମନ୍ଦତା ତଥା ଦୁଷ୍ଟାମୀ ଏବଂ ଅସହିଷ୍ଣୁତା ବ୍ୟାପି ଯାଇଛି, ନିଜର ବକ୍ତୃତା ଦ୍ୱାରା,ନିଜର ଜ୍ଞାନ ଦ୍ୱାରା ଏବଂ ଯାହା କିଛି ଶକ୍ତି ଓ ସାମର୍ଥ୍ୟ ତାକୁ ପ୍ରଦାନ କରାଯାଇଅଛି,ତାହା ଜରିଆରେ ନିଷ୍ଠାପର ଆନ୍ତରିକ ପ୍ରୟାସ କରି ସେହି ସମସ୍ତ କଥାକୁ (ଅର୍ଥାତ ସେହି ମନ୍ଦତା ଏବଂ ଅସହିଷ୍ଣୁତାକୁ) ଏହି ଦୁନିଆରୁ ଶେଷ କରୁ । ଯଦି ଏ ଦୁନିଆରେ କାହାକୁ ଆରାମ ଏବଂ ଆନନ୍ଦ ମିଳି ବି ଯାଏ ତା'ହେଲେ ଏହାର ଲାଭ କ'ଣ ? ଯଦି ଏ ଦୁନିଆରେ ହିଁ ସେ ପୁରସ୍କାର ପାଇନିଏ,ତା'ହେଲେ କ'ଣ ହାସିଲ କଲା । ପରକାଳର ପୁଣ୍ୟ (ପୁରସ୍କାର) ହାସିଲ କର,ଯାହାର ଅନ୍ତ ନାହିଁ । ଅଲ୍ଲାଃଙ୍କ ଏକେଶ୍ୱରବାଦ ଏବଂ ଏକକତା ନିମନ୍ତେ ସମସ୍ତଙ୍କର ଏପରି ଉତ୍ସାହ ରହିବା ଉଚିତ ଯେପରି ସ୍ୱୟଂ ଅଲ୍ଲାଃତାଲାଙ୍କୁ ନିଜ ଏକେଶ୍ୱରବାଦର ଉତ୍ସାହ ରହିଛି । ଟିକିଏ ଚିନ୍ତା କରି ଦେଖ ଯେ ଦୁନିଆରେ କ'ଣ ଏପରି ଅତ୍ୟାଚାର ପ୍ରପିଡ଼ିତ ବ୍ୟକ୍ତି ମିଳିପାରିବେ, ଯେପରି ଆମ ନବି ଶିରୋମଣି ସ ଅ ସ ଅଟନ୍ତି । ଏମିତି କୌଣସି ଖରାପ ଜିନିଷ,ଗାଳିଗୁଲଜ ଏବଂ ଅପବ୍ୟବହାର ନଥିଲା,ଯାହା ତାଙ୍କ ଉପରକୁ ଫିଙ୍ଗା ନଯାଇଥିବ । କ'ଣ ଏପରି ସମୟରେ ମୁସଲମାନ ନୀରବ ହୋଇ ବସି ପାରିବେ ? ଯଦି ଏପରି ସମୟରେ ବି କେହି ଛିଡ଼ା ନହେଉଛନ୍ତି ଏବଂ ସତ୍ୟର ସାକ୍ଷୀ ଦେଇ ମିଥ୍ୟାବାଦୀର ମୁହଁକୁ ବନ୍ଦ ନକରୁଛନ୍ତି ଏବଂ କାଫିର (ଅର୍ଥାତ ଅବିଶ୍ୱାସୀ))ମାନଙ୍କୁ ଆମ ନବି ସ ଆ ସଙ୍କ ଉପରେ ଅଶ୍ଳିଳ ଭାଷାରେ ଦୋଷାରୋପ କରିବା ପାଇଁତଥା ଲୋକମାନଙ୍କୁ ବିଭ୍ରାନ୍ତି କରିବା ପାଇଁ ଅନୁମତି ଦେଉଛି, ତା'ହେଲ ମନେରଖନ୍ତୁ ଯେ ଏପରି (ମୁସଲମାନ)କୁ ନିଶ୍ଚିତ ରୂପେ ପଚରା ଯିବ (ଅର୍ଥାତ ତାର ଭିଷଣ ହିସାବ ନିଆଯିବ) । ତୁମମାନଙ୍କୁ ଯାହା କିଛି ବି ଜ୍ଞାନ ଓ ବୁଦ୍ଧି ମିଳିଛି,ତାହାକୁ ଏହି ମାର୍ଗରେ ଖର୍ଚ୍ଚ କର ଏବଂ ଲୋକମାନଙ୍କୁ ଏପରି ବିପଦରୁ ରକ୍ଷା କର । ହଦିସରୁ ପ୍ରମାଣିତ ଯେ ଯଦି ତୁମେ ଦଜ୍ଜାଲକୁ ନମାରୁଛ, ତେବେ ବି ସେ ମରି ହିଁ ଯିବ । ଏକଥା ବହୁତ ପ୍ରସିଦ୍ଧ ଯେ : ହର କମାଲେ ରାଜ ୱାଲେ । ଏହି ବିପର୍ଯ୍ୟୟ ତ୍ରୟୋଦଶ ଶତାବ୍ଦୀରୁ ଆରମ୍ଭ ହୋଇଅଛି ଏବଂ ବର୍ତ୍ତମାନ ଏହାକୁ ସମାପ୍ତ କରିବାର ସମୟ ପାଖେଇ ଆସିଛି । ତେଣୁ ପ୍ରତ୍ୟେକଙ୍କର ଏ କର୍ତ୍ତବ୍ୟ ଯେ ପାରୁ ପର୍ଯ୍ୟନ୍ତ ଏଥି ସକାଶେ ଚେଷ୍ଟା କରନ୍ତୁ । ଲୋକମାନଙ୍କୁ ଜ୍ୟୋତି ଏବଂ ଆଲୋକ ଦେଖାନ୍ତୁ ।

***(ମଲଫୁଜାତ,ଖ-୦୧,ପୃ-୩୫୫,୩୫୬-୩୫,ପ୍ରକାଶିତ କାଦିଆନ ୨୦୧୮)***

## ନବୀ ସ:ଆ:ସଙ୍କ ବାଣୀ

### ମଦିନାର ଉତ୍କର୍ଷତା

(୧୮୭୧) ହଜରତ ଅବୁ ହୁରୈରାଃ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ ସ ଆ ସ କହିଛନ୍ତି : ମୋତେ ଏପରି ଏକ ବସ୍ତି (କୁ ଯିବାପାଇଁ) ନିର୍ଦ୍ଦେଶ ଦିଆଗଲା ଯାହା ଅନ୍ୟ ବସ୍ତିଗୁଡ଼ିକୁ ଗ୍ରାସ କରିଯିବ । ତାକୁ ୟସରବ କୁହାଯାଏ,ଏବଂ ସେହି (ବସ୍ତି)ଟି ହେଉଛି ମଦିନା,ଯାହା (ଖରାପ) ଲୋକମାନଙ୍କୁ (ଅଳିଆ ଅବର୍ଜନା ପରି) ବାହାର କରି ଫିଙ୍ଗି ଦେବ । ଯେମିତି ନିଆଁଶାଳ ଲୁହାର ମଇଳାକୁ ବାହାର କରି ଫିଙ୍ଗିଦେଇଥାଏ ।

ନୋଟ: ହଜରତ ସୟଦ ଜୈନୁଲ ଆବେଦୀନ ୱଲିଉଲ୍ଲାଃ ଶାହ ସାହେବ ର ଅ ଏହି ହଦିସର ବ୍ୟାଖ୍ୟାରେ ଉଲ୍ଲେଖ କରିଛନ୍ତି ଯେ : ମଦିନାର ହୁରମତ (ପବିତ୍ରତା) କେବଳ ଏପରି କ୍ଷେତ୍ରରେ ଯଥାଚିତ କାଏମ (ପ୍ରତିଷ୍ଠିତ) ରହିପାରିଥାନ୍ତା, ଯେବେ ସେଥିରେ ଦୁଷ୍ଟ ଲୋକମାନଙ୍କର ଗୋଷ୍ଠି ନରହିଥାନ୍ତା । ପରବର୍ତୀ ଘଟଣାମାନ ଆଁହଜରତ ସ ଆ ସଙ୍କ ଏହି କଥାକୁ ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ କରିଥିଲା । ଇହୁଦୀ କବିଲାଗୁଡ଼ିକ ଯେଉଁ ଚୁକ୍ତି କରିଥିଲେ,ତାହାକୁ ଭଙ୍ଗ କଲେ,ଏବଂ ବାହ୍ୟ ଶତ୍ରୁମାନଙ୍କ ସହିତ ଗୁପ୍ତ ଷଡଯନ୍ତ୍ର କରି ମଦିନା ଉପରେ ଆକ୍ରମଣ କରାଇଲେ । ପରିଶେଷରେ ନିଜର ଏପରି ବିଶ୍ୱାସଘାତକତା ଯୋଗୁଁ ସେମାନେ ଜଣକ ପରେ ଜଣେ ମଦିନାରୁ ବିତାଡ଼ିତ ହେଲେ । ଆଁହଜରତ ସ ଅ ସଙ୍କ ବାକ୍ୟର ଦ୍ୱିତୀୟ ଅଂଶ ମଧ୍ୟ ସେତେବେଳେ ପୂରଣ ହେଲା,ଯେବେ ମଦିନା ଇସଲାମ ଜଗତର କେନ୍ଦ୍ର ଭାବରେ ଉଭା ହେଲା ଏବଂ ଖୋଲୋଫାଏ ରାଶେଦୀନଙ୍କ ଆଶୀର୍ବାଦ ପୂର୍ଣ୍ଣ ଯୁଗରେ ବଡ ବଡ ମାହନ ବିଜୟମାନ ପ୍ରାପ୍ତ ହେଲା । ଅନ୍ୟ ବସ୍ତିମାନଙ୍କୁ ଗ୍ରାସ କରିବାର ଅର୍ଥ ମଧ୍ୟ ହେଉଛି ଏହା କି ସେମାନେ ପରାଜୟ ବରଣ କରିବେ ।

***(ସହି ବୁଖାରୀ, ଖ-୦୩, କିତାବ ଫଜାଇଲୁଲ ମଦିନାଃ, ମୁଦ୍ରିତ ୨୦୦୮)***

---

ଶୁଦ୍ଧି ଆନ୍ଦୋଳନ ସହିତ ପେଶଗୋଇ ମୁସଲେହ ମଉଦ ର ଅ ର ବିଶେଷ ସମ୍ବନ୍ଧ

**(ଆଲେଖ୍ୟ : ହଜରତ ମିର୍ଜା ତାହେର ଅହେମଦ ଖଲିଫତୁଲ ମସିହ ରାବେ (ଚତୁର୍ଥ) ରହେମହୁଲ୍ଲାଃ ତାଲା)**

***(ଉଦ୍ଧୃତାଂଶ ପୁସ୍ତକ ସ୍ୱାନେହ ଫଜଲେ ଉମର, ଖ-୦୨)***

**ଓଡ଼ିଆ ବଦର ସଂଖ୍ୟା ୫-୭ ବର୍ଷ-୦୮ ପୃ-୧୨ ରେ ପ୍ରକାଶିତ** ଶୁଦ୍ଧି ଆନ୍ଦୋଳନ ସହିତ ପେଶଗୋଇ ମୁସଲେହ ମଉଦ ର ଅ ର ବିଶେଷ ସମ୍ବନ୍ଧ ଶୀର୍ଷକ ବିଷୟବସ୍ତୁର **ଅବଶିଷ୍ଟାଂଶ**

ଏହି ପରିପ୍ରେକ୍ଷୀରେ ସେ ଭାରତର ମୁସଲମାନମାନଙ୍କୁ ୨୦ ଲକ୍ଷ ଟଙ୍କା ଚାନ୍ଦା ଏକାଠି କରିବାକୁ ଉତ୍ସାହିତ କରିଥିଲେ,ଏବଂ ଏହା କହିଥିଲେ ଯେ ସବୁ ଜମାତ (ଅର୍ଥାତ ସବୁ ଫିର୍କାର ଦଳ) ନିଜ ଭାଗରେ ପଡିଥିବା ଟଙ୍କାକୁ ନିଜେ ହିଁ ସଂଗ୍ରହ କରିବେ ଏବଂ ନିଜେ ହିଁ ନିଜର ପରିଚାଳନାରେ ତାହାକୁ ଖର୍ଚ୍ଚ କରିବେ । ସେହିପରି ଭାବରେ ପ୍ରତ୍ୟେକ ଫିର୍କାର ପରିଚାଳନା ଅଧିନରେ ମୁଜାହିଦ୍ଦୀନମାନଙ୍କର ଅଲଗା ଅଲଗା ଦଳ ନିଜର କର୍ତବ୍ୟ ନିର୍ବାହ କରିବା ପାଇଁ ବାହାରି ପାରିବେ । ଯଦିଓ ସଂଖ୍ୟା ଦୃଷ୍ଟିରୁ ଅହେମଦୀୟା ଜମାଅତ ଏହି ୨୦ ଲକ୍ଷରୁ ବାକି ଅନ୍ୟ ମୁସଲମାନମାନଙ୍କ ତୁଳନାରେ ୧୬୦ ଭାଗରୁ ଭାଗେ । ଅର୍ଥାତ କେବଳ ୧୩ ହଜାର ଟଙ୍କା ଜମାତ ଅହେମଦୀୟା ଭାଗରେ ପଡୁଛି । କିନ୍ତୁ ଯଦି ନିମ୍ନ ଲିଖିତ ଦୁଇଟି ବିଷୟକୁ ଧ୍ୟାନନରେ ରଖାଯାଏ,ତାହେଲେ ଏହି କୁର୍ବାନୀ (ବଳିଦାନ) ରେ ଜମାତ ଅହେମଦୀୟାର ଅଂଶ ଆହୁରି ବି କମ ଧାର୍ଯ୍ୟ ହେବା ଉଚିତ । ପ୍ରଥମତଃ: ଆମ ଜମାତରେ କୋଟିପତି କଥା ତ ଛାଡନ୍ତୁ ଜଣେ ଲକ୍ଷପତି ବି ନାହାନ୍ତି । ଯେବେକି ଅନ୍ୟ ସମସ୍ତ ଫିର୍କାରେ ଅନେକ କୋଟିପତି ଓ ଅନେକ ଲକ୍ଷପତି ବି ଅଛନ୍ତି ।

ଦ୍ୱିତୀୟତଃ :ନିକଟ ଅତୀତରେ ଜମାତ ଅହେମଦୀୟାର ମହିଳାମାନେ ଇସଲାମର ସେବା ନିମନ୍ତେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛନ୍ତି । ଅର୍ଥାତ ବର୍ଲିନରେ ମସଜିଦ ନିର୍ମାଣ କରିବା ପାଇଁ ସେମାନେ ପଚାଶ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି,ଏବଂ ବର୍ତ୍ତମାନ ସେମାନେ ନିଜର ସେହି ଦାୟିତ୍ୱକୁ ପୂରଣ କରିବା ପାଇଁ ଉକ୍ତ ଅର୍ଥରାଶିକୁ ସଂଗ୍ରହ କରିବାରେ ବ୍ୟସ୍ତ ଅଛନ୍ତି ।

*ଅବଶିଷ୍ଟାଂଶ ପୃଷ୍ଠା-୧୨ରେ ଦେଖନ୍ତୁ...*

# : ଖୁତ୍‌ବା ଜୁମା :

## ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ହଜରତ ଅବୁ ବକର ର ଅଙ୍କ ଗୁଣ ଗାରିମାର ବର୍ଣ୍ଣନା

ରସୁଲେ କରିମ ସ ଅ ସ କହିଲେ ହେ ଲୋକମାନେ ! ଅଲ୍ଲାଃତାଲା ମୋତେ ତୁମମାନଙ୍କ ନିକଟକୁ ପ୍ରେରଣ କଲେ, ତୁମେମାନେ କହିଲ ଯେ ତୁମେ ମିଛୁଆ । କିନ୍ତୁ ଅବୁ ବକର ର ଅ କହିଲେ ତୁମେ (ଅର୍ଥାତ ମୁଁ) ସତ୍ୟବାଦୀ । ପୁଣି ହଜରତ ଅବୁ ବକର ର ଅ ନିଜର ଜୀବନ ଓ ଧନ ଦ୍ୱାରା ମୋ ସହିତ ସହାନୁଭୂତି ଦେଖାଇଲେ । ***(ସହି ବୁଖାରୀ)***

"ଏକଦା ରସୁଲେ କରିମ ସ ଅ ସ ସାହାବାମାନଙ୍କୁ ସମ୍ବୋଧନ କରି କହିଲେ ଯେ ମୁଁ ତୁମାମାନଙ୍କୁ ବହୁତ ଆଦେଶ ଦେଇସାରିଛି କିନ୍ତୁ ମୁଁ ତୁମମାନଙ୍କ ମଧ୍ୟରେ ଥିବା ଅନେକ ନିଷ୍ଠାବାନ ଲୋକଙ୍କ ଭିତରେ ମଧ୍ୟ ବେଳେ ବେଳେ ବିରୋଧ କରିବାର ଗୁଣକୁ ବି ଦେଖିଛି କିନ୍ତୁ ହଜରତ ଅବୁ ବକର ର ଅଙ୍କ ମଧ୍ୟରେ ମୁଁ ଏପରି ଗୁଣ କେବେ ବି ଦେଖିନାହିଁ ।''

ହେ ଲୋକମାନେ ! ତୁମକୁ କ'ଣ ହୋଇଯାଇଛି । ଯେବେ ସମଗ୍ର ଦୁନିଆ ମୋତେ ଅସ୍ୱୀକାର କରୁଥିଲା ଏବଂ ତୁମେମାନେ ମଧ୍ୟ ମୋ ବିପକ୍ଷରେ ଥିଲ,ସେତେବେଳେ ଅବୁ ବକର ର ଅ ହିଁ ଏପରି ବ୍ୟକ୍ତି ଥିଲେ, ଯିଏ ମୋ ଉପରେ ବିଶ୍ୱାସ କଲେ ଏବଂ ପ୍ରତ୍ୟେକ କ୍ଷେତ୍ରରେ ଓ ପ୍ରତ୍ୟେକ କାର୍ଯ୍ୟରେ ମୋତେ ସାହାଯ୍ୟ ସହଯୋଗ କଲେ ।

ଉସାମାଙ୍କ ସେନାକୁ ରୋକି ଦେବାପାଇଁ ମଧ୍ୟ ସାହାବାମାନେ ବହୁତ ଜୋର ଦେଲେ କିନ୍ତୁ ହଜରତ ଅବୁ ବକର ର ଅ କହିଲେ ଯେ ଯଦି ଶତ୍ରୁ ଏତେ ଶକ୍ତିଶାଳୀ ହୋଇ ମଦିନା ଉପରେ ବିଜୟ ଲାଭକରିନିଏ,ଏବଂ ମୁସଲମାନ ମହିଳାମାନଙ୍କ ଶବଗୁଡ଼ିକୁ କୁକୁର ବି ଘୋଷାରି ବୁଲନ୍ତି,ତାହେଲେ ବି ମୁଁ ସେହି ସେନାକୁ ରୋକି ପାରିବି ନାହିଁ ଯେଉଁ ସେନାକୁ ରସୁଲେ କରିମ ସ ଆ ସ ପ୍ରେରଣ କରିବା ପାଇଁ ପ୍ରସ୍ତୁତ କରିଥିଲେ ।'' ***(ତଫସୀର କବୀର ,ଖ-୦୮,ପୃ-୧୦୮-୧୦୯)***

---

***ଶ୍ରୀମାନ ସମିଉଲ୍ଲାଃ ସିୟାଲ ସାହେବ ୱକିଲ ଜରାଅତ ତହରିକ ଏ ଜଦିଦ ଅଞ୍ଜୁମନ ଅହେମଦୀୟା ରବୁୱା ତଥା ଶ୍ରୀମତୀ ସିଦ୍ଦିକା ବେଗମ ସାହିବାଃଙ୍କ ଦେହାନ୍ତରେ, ସେମାନଙ୍କ ଗୁଣ ଗାରିମାର ଚର୍ଚ୍ଚା ଏବଂ ନମାଜ ଜନାଯାଃ ଗାଏବ ପାଠ***

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ୍ ଖଲିଫତୁଲ ମସିହ ଖାମିସ(ପଂଚମ)[ଅ.ବ]**
**(ପ୍ରଦତ:୨୩ ସେପ୍ଟେମ୍ବର ୨୦୨୨ ଅନୁଯାୟୀ ୨୩ ତବୁକ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ହଜରତ ଅବୁ ବକର ସିଦ୍ଦିକ ର ଅଙ୍କ ଜୀବନୀ ବିଷୟରେ ଚର୍ଚ୍ଚା ଚାଲିଥିଲା,ଆଜି ମଧ୍ୟ ସେହି କ୍ରମ ଜାରି ରହିବ । ହଜରତ ଆଇଶା ର ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ପବିତ୍ର କୁରଆନର ସୁରଃ ଆଲେ ଇମରାନ ଆୟତ ନଂ:୧୭୩ **ଅଲ୍ଲଜିନସ ତଜାବୁ ଲିଲ୍ଲାହି ୱର ରସୁଲି ମିମ୍ ବାଦି ମା ଅସାବହୁମୁଲ୍ କର୍‌ହୁ ଲିଲ୍ଲଜିନା ଅହସନୁ ମିନହୁମ ୱତ୍‌ତକୌ ଅଜ୍‌ରୁନ ଅଜୀମ୍ (ଆଲେ ଇମରାନ: ୧୭୩)** ଅର୍ଥାତ-ଯେଉଁ ଲୋକମାନେ ଆଘାତ ପାଇବା ପରେ (ମଧ୍ୟ) ଅଲ୍ଲାଃଙ୍କର ଓ ରସୁଲଙ୍କର ଆଦେଶକୁ ଗ୍ରହଣ କରିଛନ୍ତି,ସେମାନଙ୍କ ମଧ୍ୟରୁ ଯେଉଁମାନେ ଭଲ ଭାବରେ ନିଜର କର୍ତବ୍ୟ ସମ୍ପାଦନ କରିଛନ୍ତି ଓ ଧର୍ମପରାୟଣତା ଅବଲମ୍ବନ କରିଛନ୍ତି ସେମାନଙ୍କ ପାଇଁ ମହାନ ପୁରସ୍କାର ଅଛି । ଏହି ଆୟତ ସମ୍ବନ୍ଧରେ ସେ ଉରୱାଙ୍କୁ କହିଲେ ଯେ ହେ ମୋ ଭଉଣୀଙ୍କ ପୁତ୍ର ! ତୁମ ବାପା ହଜରତ ଜୁବୈର ର ଅ ଏବଂ ହଜରତ ଅବୁ ବକର ର ଅ (ଦୁହେଁ) ଏପରି ଲୋକମାନଙ୍କ ମଧ୍ୟରେ ଥିଲେ ଯେ, ଯେବେ ରସୁଲେ କରିମ ସ ଆ ସଙ୍କୁ ଓହଦ ଯୁଦ୍ଧ ଦିନ କଷ୍ଟ ପହଂଚିଥିଲା,ଏବଂ ମୁସରିକମାନେ ଚାଲିଗଲେ,ସେତେବେଳେ ମହାଭାଗ ସ ଆ ସଙ୍କୁ ଏ ଶଙ୍କା ହେଲା ଯେ କାଳେ ସେମାନେ ପୁଣି ଲେଉଟିବେ । ତେଣୁ ମହାଭାଗ ସ ଆ ସ କହିଲେ ଯେ ସେମାନଙ୍କ ପଛରେ କିଏ ଯିବ ? ସେତେବେଳେ ସତୁରି ଜଣ ଲୋକ ନିଜକୁ ଏହି କାର୍ଯ୍ୟ ପାଇଁ ଉପସ୍ଥାପନ କରିଥିଲେ । ଉରୁୱା କହୁଥିଲେ ଯେ, ସେହି ଲୋକମାନଙ୍କ ମଧ୍ୟରେ ହଜରତ ଅବୁ ବକର ର ଅ ଏବଂ ହଜରତ ଜୁବୈର ର ଅ ମଧ୍ୟ ଥିଲେ ।

**(ସହି ବୁଖାରୀ, କିତାବୁଲ ମଗାଜି, ବାବ ଅଲ୍ଲଜିନସ ତଜାବୁ ଲିଲ୍ଲାହି ୱର ରସୁଲି,ରିୱାୟତ ନଂ ୪୦୭୭)**

ଯେତେବେଳେ ଅବୁସୁଫିୟାନ ଓହଦ ଯୁଦ୍ଧର ଶେଷ ସମୟରେ ଉପତ୍ୟକାରେ ଥିଲା,ସେତେବେଳେ ସେ ପ୍ରତିଜ୍ଞା କରି କହିଲା ଯେ ଆସନ୍ତା ବର୍ଷ ଏହି ଦିନରେ (ଅର୍ଥାତ ଏହି ସମୟରେ) ବଦର ସ୍ଥାନରେ ପୁନର୍ବାର ଯୁଦ୍ଧ ହେବ । ତାର ସେହି ଚ୍ୟାଲେଞ୍ଜକୁ ଆଁହଜରତ ସ ଆ ସ ଗ୍ରହଣ କଲେ । ସୁତରାଂ ତା'ପରେ ଅବୁସୁଫିୟାନ ଯଥା ଶୀଘ୍ର ସେଠାରୁ ନିଜର ସେନାକୁ ସାଥିରେ ଧରି ମକ୍କା ଅଭିମୁଖେ ଚାଲିଗଲା । ତା ଆଗକୁ ଯେଉଁ ଘଟଣାବଳୀ ରହିଛି, ସେ ବିଷୟରେ ହଜରତ ମୁର୍ଜା ବଶୀର ଅହେମଦ ସାହେବ ର ଅ ନିମ୍ନ ଲିଖିତ ଭାବରେ ବର୍ଣ୍ଣନା କରିଛନ୍ତି ଯେ ଆଁ ହଜରତ ସ ଆ ସ ଅଧିକ ସତର୍କତା ଅବଲମ୍ବନ କରି ତତକ୍ଷଣାତ ସତୁରି ଜଣ ବିଶିଷ୍ଟ ସାହାବାମାନଙ୍କର ଗୋଟିଏ ଜମାତ (ଦଳ) କୁ ପ୍ରସ୍ତୁତ କରି କୁରୌଶମାନଙ୍କ ସେନା ପଛରେ ପ୍ରେରଣ କଲେ । ସେହି ଦଳରେ ହଜରତ ଅବୁ ବକର ର ଅ ଏବଂ ହଜରତ ଜୁବୈର ର ଅ (ଦୁହେଁ) ସାମିଲ ଥିଲେ । ଏହା ହେଉଛି ବୁଖାରୀ ହଦିସର ରିୱାୟତ । ସାଧାରଣ ଐତିହାସିକମାନେ ଏହା ବର୍ଣ୍ଣନା କରିଥାନ୍ତି ଯେ ମହାଭାଗ ସ ଆ ସ ହଜରତ ଅଲୀ ର ଅ ବା ଆଉ କେତେକ ରିୱାୟତ ଅନୁଯାୟୀ ହଜରତ ସାଆଦ୍ ବିନ୍ ୱକାସ ର ଅଙ୍କୁ କୁରୈଶ ପଛରେ ପଠାଇଥିଲେ ଏବଂ ସେମାନଙ୍କୁ କହିଥିଲେ ଯେ "ତୁମେ ଦୁହେଁ ଯାଇ ଏ ବିଷୟରେ ଅନସନ୍ଧାନ କରି ଆସି ଆମକୁ ଜଣାଅ ଯେ କୁରୈଶର ସେନା ମଦିନା ଉପରେ ଆକ୍ରମଣ କରିବା ପାଇଁ କୌଣସି ଯୋଜନା ତ କରୁନାହିଁ ।

ପୁଣି ସେମାନଙ୍କୁ ମହାଭାଗ ସ ଆ ସ କହିଲେ ଯେ ଯଦି କୁରୈଶ ଓଟ ଉପରେ ଆରୋହଣ କରିଥିବେ ଏବଂ ଘୋଡ଼ାମାନଙ୍କୁ ଖାଲି ଚଲାଇ ଚଲାଇ ଯାଉଥିବେ ତହେଲେ ତୁମେମାନେ ଏକଥା ବୁଝିନେବ ଯେ ସେମାନେ ମକ୍କା ଆଡ଼କୁ ଯାଉଛନ୍ତି ଓ ସେମାନଙ୍କର ମଦିନା ଉପରେ ଆକ୍ରମଣ କରିବାର କୌଣସି ପ୍ରକାରର ଏବେ ଯୋଜନା ନାହିଁ । କିନ୍ତୁ ଯଦି ସେମାନେ ଘୋଡ଼ାମାନଙ୍କ ପିଠିରେ ଆରୋହଣ କରିଥିବେ,ତା'ହେଲେ ତୁମେମାନେ ଏହା ବୁଝିନେବ ଯେ ସେମାନଙ୍କର ନିୟତ (ଉଦ୍ଦେଶ୍ୟ) ଭଲ ନାହିଁ । ପୁଣି ସେମାନଙ୍କୁ ତାଗିଦ କରି କହିଲେ ଯେ ଯଦି କୁରୈଶର ସେନା ମଦିନା ଆଡ଼କୁ ମୁହାଁଇବେ,ତେବେ ସଙ୍ଗେ ସଙ୍ଗେ ମହାଭାଗ ସ ଆ ସଙ୍କୁ ସେ ବିଷୟରେ ଅବଗତ କରାଇବେ । ପୁଣି ମହାଭାଗ ସ ଆ ସ ବହୁତ ଉତ୍ସାହିତ ହୋଇ କହିଲେ ଯେ ଯଦି କୁରୈଶ ବର୍ତମାନ ମଦିନା ଉପରେ ଆକ୍ରମଣ କରିଦିଏ,ଅଲ୍ଲାଃଙ୍କ ରାଣ ! ଆମେମାନେ ସେମାନଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ମଜା ଚଖାଇଦେବା । ଅତେବ ମହାଭାଗ ସ ଆ ସ ଙ୍କ ଦ୍ୱାରା ପ୍ରେରଣ କରାଯାଇଥିବା ଲୋକେ ଆପଣ ସ ଆ ସଙ୍କ ନିର୍ଦ୍ଦେଶ ଅନ୍ତର୍ଗତ ଗଲେ ଏବଂ ଖୁବ

ଶୀଘ୍ର ଏ ଖବର ଘେନି ଚାଲି ଆସିଲେ ଯେ କୁରୈଶର ସେନା ମକ୍କା ଆଡ଼କୁ ଲେଉଟି ଫେରିଯାଉଅଛି ।'' **(ସିରତ ଖାତମୁନ ନବିୟୀନ ସ ଆ ସ,ପୃ-୪୯୯-୫୦୦)**

ହଜରତ ଅନସ ବିନ ମାଲିକ ର ଅ ବର୍ଣ୍ଣନା କରିଛନ୍ତି ଯେ ହଜରତ ଅବୁ ବକର ର ଅ ରସୁଲେ କରିମ ସ ଆ ସ ଙ୍କ ଦେହାନ୍ତ ପରେ ହଜରତ ଉମର ର ଅଙ୍କୁ କହିଲେ ଯେ ଆମ ସହିତ ଉମ୍ମେ ଅୟମନଙ୍କ ଆଡ଼କୁ ଚାଲନ୍ତୁ । ଚାଲନ୍ତୁ ଆମେ ତାଙ୍କ ସହିତ ଭେଟ କରି ଆସିବା ଯେଉଁଭଳି ରସୁଲେ କରିମ ସ ଅ ସ ତାଙ୍କ ସହିତ ଭେଟ କରିବାକୁ ଯାଆନ୍ତି । ହଜରତ ଅନସ ବିନ ମାଲିକ ର ଅ କହିଲେ ଯେ ଯେବେ ଆମେ ତାଙ୍କ ନିକଟରେ ପହଂଚିଲୁଁ ସେ କାନ୍ଦିବାକୁ ଲାଗିଲେ । ସେହି ଦୁହେଁ କହିଲେ ଯେ ଆପଣ କାହିଁକି କାନ୍ଦୁଛନ୍ତି ? ଯାହା କିଛି ଅଲ୍ଲାଃଙ୍କ ନିକଟରେ ଅଛି ତାହା ରସୁଲେ କରିମ ସ ଆ ସଙ୍କ ପାଇଁ ଉତମ । ସେ (ଅର୍ଥାତ ଉମ୍ମେ ଅୟମନ) କହିବାକୁ ଲାଗିଲେ ଯେ ମୁଁ ଏକଥା ଜାଣିଛି ଯେ ଯାହା କିଛି ଅଲ୍ଲାଃଙ୍କ ନିକଟରେ ଅଛି ତାହା ରସୁଲେ କରିମ ସ ଆ ସଙ୍କ ପାଇଁ ଉତମ କିନ୍ତୁ ମୁଁ ଏଇଥିପାଇଁ କାନ୍ଦୁଛି ଯେ ଏବେ ସ୍ୱର୍ଗରୁ ୱହି (ଦୈବିବାଣୀ) ଆସିବା ବନ୍ଦ ହୋଇଗଲା । ହଜରତ ଅନସ ବିନ ମାଲିକ ର ଅ କହିଲେ ଯେ ଉମ୍ମେ ଅୟମନ ସେହି ଦୁହିଁଙ୍କୁ (ହଜରତ ଅବୁ ବକର ର ଅ ଏବଂ ହଜରତ ଉମର ର ଅଙ୍କୁ)ମଧ୍ୟ କନ୍ଦାଇଦେଲେ । ଏହି ଦୁଇଜଣ ମଧ୍ୟ ତାଙ୍କ ସହିତ କାନ୍ଦିବାକୁ ଲାଗିଲେ । ***(ସୁନନେ ଇବନେ ମାଜାଃ,କିତାବୁଲ ଜନାଇଜ,ହଦିସ ନଂ-୧୬୩୫)***

ରସୁଲେ କରିମ ସ ଅ ସ କହିଲେ ହେ ଲୋକମାନେ ! ଅଲ୍ଲାଃତାଲା ମୋତେ ତୁମମାନଙ୍କ ନିକଟକୁ ପ୍ରେରଣ କଲେ, ତୁମେମାନେ କହିଲ ଯେ ତୁମେ ମିଛୁଆ । କିନ୍ତୁ ଅବୁ ବକର ର ଅ କହିଲେ ତୁମେ (ଅର୍ଥାତ ମୁଁ) ସତ୍ୟବାଦୀ । ପୁଣି ହଜରତ ଅବୁ ବକର ର ଅ ନିଜର ଜୀବନ ଓ ଧନ ଦ୍ୱାରା ମୋ ସହିତ ସହାନୁଭୂତି ଦେଖାଇଲେ । ***(ସହି ବୁଖାରୀ, କିତାବ ଫଜାଇଲୁ ଅସହାବ ନବୀ ସ ଆ ସ, ବାବ କୌଲୁନ ନବୀ ସ ଆ ସ...ହଦିସ ନଂ-୩୬୬୧)***

ହଜରତ ମୁସଲେହ ମଉଦ ର ଅ ଏହି ବିଷୟରେ କୁହନ୍ତି ଯେ କେବଳ "ହଜରତ ଅବୁ ବକର ର ଅ ହିଁ ଏପରି ବ୍ୟକ୍ତି ଥିଲେ, ଯାହାଙ୍କ ବିଷୟରେ ରସୁଲେ କରିମ ସ ଆ ସ କହିଥିଲେ ଯେ (ହେ ଲୋକମାନେ ! ) ତୁମେମାନେ ତ ସମସ୍ତେ ମୋତେ ଅସ୍ୱୀକାର କଲ କିନ୍ତୁ ଅବୁ ବକର ଏପରି ଲୋକ ଥିଲେ, ଯାହାଙ୍କ ନିକଟରେ ମୁଁ କେବେ ବି କୌଣସି ପ୍ରକାରର ବିକାର/ବିକୃତି (ଅର୍ଥାତ ଅମାନ୍ୟକାରୀ ଗୁଣ) ଦେଖିନାହିଁ ।'' ***(ଖୁତବାତେ ମହମୁଦ, ଖ-୨୬, ପୃ-୨୭୭-୨୭୮)***

ସୁଲହ ହୁଦବିୟା ଅବସରରେ ଯେବେ ନବି କରିମ ସ ଆ ସ ଏବଂ ମକ୍କାର କୁରୈଶମାନଙ୍କ ମଧ୍ୟରେ ସୁଲାହ (ଶାନ୍ତି ସନ୍ଧି/ଚୁକ୍ତି) ଚାଲିଥିଲା ଏବଂ ଅବୁ ଜନ୍ଦଲଙ୍କୁ ନବି କରିମ ସ ଆ ସ ଚୁକ୍ତିର ସର୍ତାବଳୀ ମୁତାବକ ଫେରାଇ ଦେଇଥିଲେ । ସେତେବେଳେ ସାହାବାମାନେ ବହୁତ ଜୋଶରେ ଥିଲେ । ଏହି ବିଷୟରେ ହଜରତ ମିର୍ଜା ବଶୀର ଅହେମଦ ସାହେବ ର ଅ ଉଲ୍ଲେଖ କରିଛନ୍ତି ଯେ "ମୁସଲମାନ ଏହି ଦୃଶ୍ୟକୁ ଦେଖୁଥିଲେ ଏବଂଧାର୍ମିକ ଆତ୍ମସମ୍ମାନ ଯୋଗୁଁ ସେମାନଙ୍କ ଆଖିରୁ ରକ୍ତ ଝରୁଥିଲା । କିନ୍ତୁ ରସୁଲେ କରିମ ସ ଆ ସଙ୍କ ସମ୍ମୁଖରେ ସେମାନେ(ଅର୍ଥାତ ସେହି ମୁସଲମାନମାନେ) ନୀରବତା ଅବଲମ୍ବନ କଲେ । କିନ୍ତୁ ହଜରତ ଉମର ର ଅ ଏହି ଦୃଶ୍ୟକୁ ଦେଖି ଆଉ ସମ୍ଭାଳି ପାରିଲେ ନାହିଁ । ତେଣୁ ସେ ଆଁ ହଜରତ ସ ଆ ସଙ୍କ ନିକଟକୁ ଗଲେ ଏବଂ ଥର ଥର ସ୍ୱରରେ କହିଲେ ଯେ କ'ଣ ଆପଣ ଅଲ୍ଲାଃଙ୍କ ପ୍ରକୃତ ନବି (ଦୂତ) ନୁହନ୍ତି କି ? ଏହା ଶୁଣି ମହାଭାଗ ସ ଆ ସ କହିଲେ ହଁ ହଁ ମୁଁ ନିଶ୍ଚିତ ରୂପେ (ଅଲ୍ଲାଃଙ୍କ ପ୍ରକୃତ ନବି ଅଟେ) । ପୁଣି ହଜରତ ଉମର ର ଅ କହିଲେ ଯେ କ'ଣ ଆମ୍ଭେ ହକରେ ନାହୁଁ ଏବଂ ଆମର ଶତୃ ମିଥ୍ୟାରେ ନାହାନ୍ତି କି ? ଏହା ଶୁଣି ମହାଭାଗ ସ ଆ ସ କହିଲେ ହଁ ନିଶ୍ଚିତ ଏହା ସତ୍ୟ । ପୁଣି ହଜରତ ଉମର ର ଅ କହିଲେ ଯେ ଯଦି ଏପରି ତା'ହେଲେ ଆମେ କାହିଁକି ଆମ ପ୍ରକୃତ ସତ୍ୟ ଧର୍ମ ପ୍ରସଙ୍ଗରେ ଏପରି ଅପମାନକୁ ସହ୍ୟ କରିନେବା ? ମହାଭାଗ ସ ଆ ସ ହଜରତ ଉମର ର ଅଙ୍କର ଏପରି ଅବସ୍ଥାକୁ ଦେଖି ସଂକ୍ଷିପ୍ତରେ କହିଲେ : ଉମର ଦେଖ ! ମୁଁ ହେଉଛି ଅଲ୍ଲାଃଙ୍କ ଦୂତ ଏବଂ ଅଲ୍ଲାଃଙ୍କ ଉଦ୍ଦେଶ୍ୟକୁ ଜାଣିଛି । ତେଣୁ ମୁଁ ଅଲ୍ଲାଃଙ୍କ ବିରୁଦ୍ଧରେ ଯାଇ ପାରିବି ନାହିଁ ଏବଂ ସେହି (ଅଲ୍ଲାଃ) ହିଁ ମୋର ସାହାଯ୍ୟକାରୀ ଅଟନ୍ତି । କିନ୍ତୁ ହଜରତ ଉମର ର ଅଙ୍କ ମାନସିକ ଅବସ୍ଥା କ୍ଷଣକୁ କ୍ଷଣ ବିଗିଡ଼ି ଯାଉଥିଲା । ସେଥିଯୋଗୁଁ ସେ ପୁଣି କହିବାକୁ ଲାଗିଲେ ଯେ କ'ଣ ଆପଣ ଆମକୁ ଏହା କହିନଥିଲେ ଯେ ଆମେ ବୟତୁଲ୍ଲାଃର ତୱାଫ (ପରିକ୍ରମଣ) କରିବା ବୋଲି ? ଏଥିରେ ମହାଭାଗ ସ ଆ ସ କହିଲେ ଯେ ମୁଁ ଅବଶ୍ୟ ଏକଥା କହିଥିଲି କିନ୍ତୁ କ'ଣ ମୁଁ ଏକଥା କହିଥିଲି ଯେ ଏହି ତୱାଫ (ପରିକ୍ରମଣ) ନିଶ୍ଚିତ ରୂପେ ଏହି ବର୍ଷ ହେବ ବୋଲି ? ଏଥିରେ ହଜରତ ଉମର ର ଅ କହିଲେ ନା ଆପଣ ଏପରି ତ କହିନଥିଲେ। ଏହା ଶୁଣି ମହାଭାଗ ସ ଅ ସ କହିଲେ ଯେ ତା'ହେଲେ ତୁମେ ଅପେକ୍ଷା କର ଇନଶାଅଲ୍ଲାଃ ନିଶ୍ଚିତ ରୂପେ ତୁମେମାନେ ମକ୍କାରେ ପ୍ରବେଶ କରିବ ଓ ଖାନା କାବାର ତୱାଫ (ପରିକ୍ରମଣ) କରିବ । କିନ୍ତୁ ସେହି ଜୋଶରେ ହଜରତ ଉମର ର ଅ ଙ୍କୁ ସାନ୍ତ୍ୱନା ମିଳିଲା ନାହିଁ । ଯେହେତୁ ଆଁ ହଜରତ ସ ଆ ସଙ୍କର ଏକ ବିଶେଷ ରୋବ (ଅର୍ଥାତ ବିଶେଷ ପ୍ରଭାବ) ଥିଲା,ତେଣୁ ହଜରତ ଉମର ର ଅ ସେଠାରୁ ଉଠି ହଜରତ ଅବୁ ବକର ର ଅଙ୍କ ନିକଟକୁ ଗଲେ ଏବଂ ତାଙ୍କ ସହିତ ମଧ୍ୟ ସେହି ପ୍ରକାର ଜୋଶରେ କଥା ହେଲେ । ହଜରତ ଅବୁ ବକର ର ଅ ମଧ୍ୟ ସେହି ପ୍ରକାର ଉତର ଦେଲେ ଯେଉଁ ପ୍ରକାରର ଉତର ଆଁ ହଜରତ ସ ଆ ସ ହଜରତ ଉମର ର ଅଙ୍କୁ ଦେଇଥିଲେ । କିନ୍ତୁ ତାହା ସହିତ ହଜରତ ଅବୁ ବକର ର ଅ ଉପଦେଶ ଆକାରରେ କହିଲେ ଯେ ହେ ଉମର ଦେଖ ! ଟିକିଏ ଥୟ ଧରି ରୁହ ଏବଂ ରସୁଲେ କରିମ ସ ଆ ସଙ୍କ ରଥରେ ତୁମେ ଯେଉଁ ହାତ ରଖିଛ ତାକୁ ଢିଲା କରନାହିଁ । କାରଣ ଅଲ୍ଲାଃଙ୍କ ରାଣ ! ଆମେ ଯେଉଁ ବ୍ୟକ୍ତିଙ୍କ ହାତରେ ଆମେ ହାତ ରଖିଛେ,ସେହି ବ୍ୟକ୍ତି ଜଣକ ନିଶ୍ଚିତ ରୂପେ ସତ୍ୟବାଦୀ ଅଟନ୍ତି ।

ହଜରତ ଉମର ର ଅ କହିଲେ ଯେ ସେତେବେଳେ ମୁଁ ଜୋଶରେ ଏପରି କଥା କହି ଦେଇଥିଲି କିନ୍ତୁ ପରେ ଏହି କଥା ପାଇଁ ମତେ ବହୁତ ପଶ୍ଚାତାପ ହେଲା । ତେଣୁ ମୁଁ ତୌବାଃ ଆକାରରେ ସେହି ଦୃବଳତାର ପ୍ରଭାବକୁ ଧୋଇବା ପାଇଁ ଅନେକ ନଫିଲ କର୍ମ କଲି । ଅର୍ଥାତ ସଦକାଃ ଦେଲି ,ରୋଜା ରଖିଲି , ନଫିଲ ନମାଜ ପାଠ କଲି ଏବଂ ଗୁଲାମମାନଙ୍କୁ ସ୍ୱାଧିନ କଲି,ଏତତଦ୍ୱାରା କାଳେ ମୋ ଦୃବଳତାର ଦାଗ ଧୋଇହୋଇ ଯିବ ।'' ***(ସିରତ ଖାତମୁନ ନବିୟୀନ ସ ଆ ସ,ପୃ-୭୬୭-୭୬୮)***

ଏହି ଘଟଣାର ବର୍ଣ୍ଣନା ହଜରତ ମୁସଲେହ ମଉଦ ର ଅ ମଧ୍ୟ କରିଛନ୍ତି । ସେ କୁହନ୍ତି ଯେ "ଏକଦା ରସୁଲେ କରିମ ସ ଅ ସ ସାହାବାମାନଙ୍କୁ ସମ୍ବୋଧନ କରି କହିଲେ ଯେ ମୁଁ ତୁମାମାନଙ୍କୁ ବହୁତ ଆଦେଶ ଦେଇସାରିଛି କିନ୍ତୁ ମୁଁ ତୁମମାନଙ୍କ ମଧ୍ୟରେ ଥିବା ଅନେକ ନିଷ୍ଠାବାନ ଲୋକଙ୍କ ଭିତରେ ମଧ୍ୟ ବେଳେ ବେଳେ ବିରୋଧ କରିବାର ଗୁଣକୁ ବି ଦେଖିଛି କିନ୍ତୁ ହଜରତ ଅବୁ ବକର ର ଅଙ୍କ ମଧ୍ୟରେ ମୁଁ ଏପରି ଗୁଣ କେବେ ବି ଦେଖିନାହିଁ ।''

ସୁତରାଂ ସୁଲାହ ହୁଦବିୟା ଅବସରରେ ହଜରତ ଉମର ର ଅଙ୍କ ପରି ଲୋକ ମଧ୍ୟ ବ୍ୟତିବ୍ୟସ୍ତ ହୋଇଗଲେ ଏବଂ ସେ ସେହି ବ୍ୟତିବ୍ୟସ୍ତା ଅବସ୍ଥାରେ ସେ ହଜରତ ଅବୁ ବକର ର ଅଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ଯେ କ'ଣ ଆମ ସହିତ ଅଲ୍ଲାଃଙ୍କର ଏ ପ୍ରତିଶୃତି ନଥିଲା ଯେ ଆମେ ଉମରାଃ କରିବା ? ସେ ଉତର ଦେଲେ ଯେ ହଁ ଅଲ୍ଲାଃଙ୍କର ଏପରି ପ୍ରତିଶୃତି ଥିଲା । ପୁଣି ହଜରତ ଉମର ର ଅ ପଚାରିଲେ ଯେ କ'ଣ ଆମ ସହିତ ଅଲ୍ଲାଃଙ୍କର ଏ ପ୍ରତିଶୃତି ନଥିଲା ଯେ ସେ ଆମର ସାହାଯ୍ୟ ଏବଂ ସମର୍ଥନ କରିବେ ? ଏଥିରେ ହଜରତ ଅବୁ ବକର ର ଅ ଉତର ଦେଲେ ଯେ ହଁ ଅଲ୍ଲାଃଙ୍କର ଏପରି ପ୍ରତିଶୃତି ଥିଲା । ପୁଣି ହଜରତ ଉମର ର ଅ କହିଲେ ଯେ ତା'ହେଲେ ପୁଣି କ'ଣ ଆମେ ଉମରାଃ କଲେ କି ?

ହଜରତ ଅବୁ ବକର ର ଅ ଉତର ଦେଲେ ଯେ ହେ ଉମର ! ଅଲ୍ଲାଃତାଲା କେବେ ଏକଥା କହିଥିଲେ ଯେ ଆମେ ଏହି ବର୍ଷ ହିଁ ଉମରାଃ କରିବା ? ପୁଣି ହଜରତ ଉମର ପଚାରିଲେ ଯେ କ'ଣ ଆମକୁ ବିଜୟ ମିଳିଲା ? ହଜରତ ଅବୁ ବକର ର ଅ ଉତର ଦେଲେ ଯେ ଅଲ୍ଲାଃ ଏବଂ ତାହାଙ୍କ ରସୁଲ ସ ଅ ସ ଏହି ବିଜୟ ଏବଂ ସାହାଯ୍ୟ ସହଯୋଗ ଦେବାର ଅର୍ଥକୁ ଆମଠାରୁ ଅଧିକା ଭଲ ଭାବରେ ଜାଣିଛନ୍ତି । କିନ୍ତୁ ଏହି ଉତର ଦ୍ୱାରା ଉମର ର ଅଙ୍କୁ ସାନ୍ତ୍ୱନା ମିଳିଲା ନାହିଁ ,ତେଣୁ ସେ ସେହି ବ୍ୟତିବ୍ୟସ୍ତତା ଅବସ୍ଥାରେ ରସୁଲେ କରିମ ସ ଆ ସ ଙ୍କ ନିକଟର ଯାଇ ପହଂଚିଲେ ଏବଂ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ ସ ଆ ସ ! କ'ଣ ଆମ ସହିତ ଅଲ୍ଲାଃଙ୍କର ଏ ପ୍ରତିଶୃତି ନଥିଲା ଯେ ଆମେ ମକ୍କାରେ ତୱାଫ (ଅର୍ଥାତ ଖାନା କାବାର ପରିକ୍ରମଣ) କରିବା ଅବସ୍ଥାରେ ପ୍ରବେଶ କରିବା ବୋଲି ? ମହାଭାଗ ସ ଅ ସ କହିଲେ ହଁ ଥିଲା । ପୁଣି ସେ ନିବେଦନ କରି କହିଲେ ଯେ କ'ଣ ଆମେମାନେ ଅଲ୍ଲାଃଙ୍କ ଜମାତ (ଅଲ୍ଲାଃଙ୍କ ଦ୍ୱାରା ସୃଷ୍ଟ ଆଧ୍ୟାତ୍ମିକ ଦଳ) ନୁହନ୍ତି ଓ କ'ଣ ଆମ ସହିତ ଅଲ୍ଲାଃଙ୍କର ଏ ପ୍ରତିଶୃତି ନଥିଲା ଯେ ସେ ଆମର ସାହାଯ୍ୟ ଏବଂ ସମର୍ଥନ କରିବେ ? ଏଥିରେ ଆଁହଜରତ ସ ଅ ସ କହିଲେ ଯେ ହଁ ଏପରି ଥିଲା । ଅତେବ ହଜରତ ଉମର ର ଅ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ ! ତା'ହେଲେ କ'ଣ ଆମେମାନେ ଉମରାଃ କଲେ କି ? ଏଥିରେ ମହାଭାଗ ସ ଅ ସ କହିଲେ ଯେ ଅଲ୍ଲାଃ କେବେ ଏକଥା କହିଥିଲେ ଯେ ଆମେ ଏହି ବର୍ଷ ହିଁ ଉମରାଃ କରିବା । ଏହା ତ ମୋର ମନୋଭାବ ଥିଲା ଯେ ଏହି ବର୍ଷ ଉମରାଃ ହେବ । ଯେବେକି ଅଲ୍ଲାଃତାଲା ଏପରି କିଛି ନିର୍ଦ୍ଧାରଣ କରିନଥିଲେ । ପୁଣି ହଜରତ ଉମର ର ଅ କହିଲେ ଯେ ତା'ହେଲେ ପୁଣି ବିଜୟ ତଥା ସାହାଯ୍ୟ ସହଯୋଗ କରିବାର ଯେଉଁ ପ୍ରତିଶୃତି ଥିଲା,ତା'ର ଅର୍ଥ କ'ଣ ? ଏଥିରେ ମହାଭାଗ ସ ଅ ସ କହିଲେ ଯେ ଅଲ୍ଲାଃଙ୍କ ସାହାଯ୍ୟ ସହଯୋଗ ନିଶ୍ଚିତ ଭାବରେ ଆସିବ ଏବଂ ଯେଉଁ ପ୍ରତିଶୃତି ସେ ଦେଇଛନ୍ତି ତାହା ଅବଶ୍ୟ ପୂରଣ ହେବ । ଯେଉଁଭଳି ଉତର ହଜରତ ଅବୁ ବକର ର ଅ ଦେଇଥିଲେ ଠିକ ତାହାର ଅନୁରୂପ ରସୁଲେ କରିମ ସ ଆ ସ ଉତର ଦେଇଥିଲେ । ***(ଖୁତବାତେ ମହେମୁଦ, ଖ-୨୦,ପୃ-୩୮୨)***

ଏହି ଦୁଇଟି ରିୱାୟତରେ କେବଳ ଏତିକି ପାର୍ଥକ୍ୟ ରହିଛି । ଗୋଟିଏ ରିୱାୟତରେ ଏହା ମଧ୍ୟ ବର୍ଣ୍ଣିତ ଅଛି ଯେ ହଜରତ ଉମର ର ଅ ପ୍ରଥମେ ଆଁହଜରତ ସ ଆ ସଙ୍କ ଗୋଚରରେ ଉପସ୍ଥିତ ହୋଇଥିଲେ ତାପରେ ପୁଣି ସେ ହଜରତ ଅବୁ ବକର ର ଅଙ୍କ ନିକଟରେ ଉପସ୍ଥିତ ହେଲେ । ଏଠାରେ ହଜରତ ମୁସଲେହ ମଉଦ ର ଅ ଯେଉଁ କଥା ବର୍ଣ୍ଣନା କରିଛନ୍ତି,ତାହା ସେହି ସମାନ କଥା କିନ୍ତୁ ଏଠାରେ ସେ ପ୍ରଥମେ ହଜରତ ଅବୁ ବକର ର ଅଙ୍କ ନିକଟକୁ ଯିବା ବିଷୟ ବର୍ଣ୍ଣନା କରିଛନ୍ତି ପୁଣି ତାପରେ ହଜରତ ଉମର ର ଅଙ୍କୁ ଆଁହଜରତ ସ ଆ ସଙ୍କ ନିକଟରେ ଯାଇ ଉପସ୍ଥିତ ହେବା କଥା ବର୍ଣ୍ଣନା କରିଛନ୍ତି ।

ହଜରତ ଅବୁ ହୁରୈରାଃ ର ଅଙ୍କଠାରୁ ବର୍ଣ୍ଣିତ ରହିଛି ଯେ ଦୁଇଜଣ ଲୋକ ପରସ୍ପର ବିରୁଦ୍ଧରେ କହିଲେ । ଜଣେ ଲୋକ ମୁସଲମାନମାନଙ୍କ ମଧ୍ୟରୁ ଥିଲା ଏବଂ ଆଉ ଜଣେ ୟହୁଦୀ ଥିଲା । ମୁସଲମାନ ଜଣକ କହିଲା ଯେ ମୁଁ ତାହାଙ୍କ ରାଣ ଖାଇ କହୁଛି ଯିଏ ମୁହମ୍ମଦ ସ ଆ ସଙ୍କୁ ସମଗ୍ର ଜଗତ ଉପରେ ଅଗ୍ରାଧିକାର ଦେଇଛନ୍ତି । ଏଥିରେ ଇହୁଦୀ ଜଣକ କହିଲା ଯେ ମୁଁ ତାହାଙ୍କ ରାଣ ଖାଇ କହୁଛି ଯିଏ ମୁସାଙ୍କୁ ସମଗ୍ର ଜଗତ ଉପରେ ଅଗ୍ରାଧିକାର ଦେଇଛନ୍ତି । ଏହା ଶୁଣି ମୁସଲମାନ ଜଣକ ନିଜର ହାତ ଉଠାଇ ସେହି ଇହୁଦୀଙ୍କ ମୁହଁକୁ ଗୋଟିଏ ଚାପୁଡ଼ା ମାରିଲା । ଅତେବ ସେହି ଇହୁଦୀ ଜଣକ ନବି କରିମ ସ ଆ ସଙ୍କ ନିକଟରେ ହାଜର ହୋଇ ସେହି

ସବୁ ଘଟଣା ବିଷୟରେ ଅବଗତ କରାଇଲା, ଯେଉଁ ମାମଲା ତା ମଧ୍ୟରେ ଓ ଉକ୍ତ ମୁସଲମାନ ମଧ୍ୟରେ ହୋଇଥିଲା । ଏଥିରେ ନବି କରିମ ସ ଆ ସ ସେହି ମୁସଲମାନଙ୍କୁ ଡ଼କାଇ ପଠାଇଲେ ଏବଂ ଆପଣ ସ ଆ ସ ତାଠାରୁ ଏହି ସମସ୍ତ ବିଷୟ ପଚାରି ବୁଝିଲେ । ସେ ମହାଭାଗ ସ ଆ ସଙ୍କୁ ସମସ୍ତ ବିଷୟ କହିଲା । ତାହା ଶୁଣି ନବି କରିମ ସ ଆ ସ କହିଲେ ଯେ ମୁସାଙ୍କ ଉପରେ ମତେ ଅଗ୍ରାଧିକାର ଦିଅନାହିଁ । ***(ସହି ବୁଖାରୀ, କିତାବୁଲ ଖୁସୁମାତ, ବାବ ମା ୟଯକୁରୁ .... ହଦିସ ନଂ-୨୪୧୧)***

ଏହି ହଦିସର ବ୍ୟାଖ୍ୟାରେ ଉଲ୍ଲେଖ ରହିଛି ଯେ ଯେଉଁ ମୁସଲମାନ ଜଣକ ସେହି ଇହୁଦୀକୁ ଚାପୁଡ଼ା ମାରିଥିଲେ,ସେ ହଜରତ ଅବୁ ବକର ର ଅ ଥିଲେ । ***(ଉମଦତୁଲ କାରୀ, ଭାଗ-୧୨,ପୃ-୩୫୧,ଦାରୁଲ କୁତୁବୁଲ ଅଲମିୟାଃ ବେରୁତ ୨୦୦୧)*** ଏହା ବୁଖାରୀର ରିୱାୟତ ଅଟେ ।

ହଜରତ ମୁସଲେହ ମଉଦ ର ଅ ଏହି ଘଟଣାକୁ ବର୍ଣ୍ଣନା କରି ଏପରି ଉଲ୍ଲେଖ କରିଛନ୍ତି ଯେ "ଆପଣ ସ ଆ ସ ଅନ୍ୟ ଧର୍ମର ଲୋକମାନଙ୍କ ଭାବନା ପ୍ରତି ଅତ୍ୟନ୍ତ ଧ୍ୟାନ ଦେଉଥିଲେ । ଏକଦା ହଜରତ ଅବୁ ବକର ର ଅଙ୍କ ସମ୍ମୁଖରେ କୌଣସି ଜଣେ ଇହୁଦୀ ଏହା କହିଦେଲା ଯେ ମୋତେ ମୁସାଙ୍କ ରାଣ ଯାହାଙ୍କୁ ଅଲ୍ଲାଃତାଲା ସମସ୍ତ ନବୀମାନଙ୍କ ଉପରେ ଅଗ୍ରାଧିକାର ଦେଇଛନ୍ତି । ଏଥିରେ ହଜରତ ଅବୁ ବକର ର ଅ ସେହି ଇହୁଦୀ ଜଣକୁ ଥାପୁଡ଼ାଏ କସି ଦେଲେ । ଯେବେ ଏ ବିଷୟରେ ରସୁଲେ କରିମ ସ ଆ ସ ଜାଣିଲେ,ମହାଭାଗ ସ ଆ ସ ହଜରତ ଅବୁ ବକର ର ଅଙ୍କ ପରି ମଣିଷକୁ ବି ତାଗିଦ କରିଦେଲେ ।'' ଡ଼ାଂଟିଲେ । ହଜରତ ମୁସଲେହ ମଉଦ ର ଅ କୁହନ୍ତି ଯେ " ଟିକିଏ ଚିନ୍ତାକରି ଦେଖ ମୁସଲମାନମାନଙ୍କର ରାଜତ୍ୱ ସମୟ ଚାଲିଛି,ପୁଣି ଏହି ସମୟରେ ଜଣେ ଇହୁଦୀ ରସୁଲେ କରିମ ସ ଆ ସଙ୍କ ଉପରେ ହଜରତ ମୁସାଙ୍କୁ ଅଗ୍ରାଧିକାର ଦେଉଛି ଏବଂ ଏପରି ଶୈଳୀରେ କଥାବାର୍ତା କରୁଛି ଯେ ହଜରତ ଅବୁ ବକର ର ଅଙ୍କ ପରି ନମ୍ର ହୃଦୟଧାରୀ ବ୍ୟକ୍ତିଙ୍କୁ ମଧ୍ୟ କ୍ରୋଧ ଆସିଯାଉଛି ଫଳତଃ ହଜରତ ଅବୁ ବକର ର ଅ ତାକୁ ଚାପୁଡ଼ା ମାରି ଦେଉଛନ୍ତି । କିନ୍ତୁ ରସୁଲେ କରିମ ସ ଆ ସ ତାଙ୍କୁ (ଅର୍ଥାତ ହଜରତ ଅବୁ ବକର ର ଅଙ୍କୁ) ପାଟି କରି ଏହା କହୁଛନ୍ତି ଯେ ତୁମେ ଏପରି କାମ କାହିଁକି କଲ । ତାର (ଅର୍ଥାତ ସେହି ଇହୁଦୀର) ଏ ଅଧିକାର ରହିଛି ଯେ ସେ ନିଜର ଯାହା ବି ଆସ୍ଥା ରଖିଛି,ସେ ତାହାକୁ ବ୍ୟକ୍ତ କରିପାରେ ।'' ***(ତଫସୀର କବୀର, ଖ-୦୬,ପୃ-୫୩୧)*** ଯଦି ତାହାର ଏପରି ଆସ୍ଥା ଓ ବିଶ୍ୱାସ ଅଛି ତା'ହେଲେ ସେ ତାହା କହି ପାରିବ ।

ହଜରତ ମୁହମ୍ମଦ ସ ଆ ସଙ୍କ ପ୍ରତି ହଜରତ ଅବୁ ବକର ର ଅଙ୍କର ଯେଉଁ ପ୍ରେମଭାବ ଏବଂ ଭଲପାଇବା ଥିଲା,ସେ ବିଷୟରେ ଚର୍ଚ୍ଚା କରି ହଜରତ ମୁସଲେହ ମଉଦ ର ଅ ବର୍ଣ୍ଣନା କରିଛନ୍ତି ଯେ "ଆଁହଜରତ ସ ଅ ସଙ୍କ ସହିତ ହଜରତ ଅବୁ ବକର ର ଅଙ୍କ ର ସମ୍ପର୍କ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ଥିଲା । ଯେତେବେଳେ ମହାଭାଗ ସ ଅ ସ ମଦିନାରେ ପ୍ରବେଶ କରିବା ପାଇଁ ମକ୍କାରୁ ବାହାରିଲେ,ସେତେବେଳେ ମଧ୍ୟ ତାଙ୍କର (ଅର୍ଥାତ ହଜରତ ଅବୁ ବକର ର ଅ ଙ୍କର) ସମ୍ପର୍କ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ଥିଲା । ଯେବେ ମହାଭାଗ ସ ଆ ସଙ୍କ ଦେହାନ୍ତର ସମୟ ଆସିଲା,ସେତେବେଳେ ମଧ୍ୟ ତାଙ୍କର ସମ୍ପର୍କ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ଥିଲା । ଅତେବ ଯେବେ ଆଁହଜ୍ରତ ସ ଆ ସଙ୍କ ଉପରେ ***ଇଜା ଜାଆ ନସରୁଲ୍ଲାଃ ୱଲ ଫତହ୍ .....ଇନ୍ନହୁ କାନା ତୱ୍ୱାବା*** ଆୟତ ଅବତୀର୍ଣ୍ଣ ହେଲା । ସେହି ଆୟତରେ ଗୁପ୍ତ ଆକାରରେ ମହାଭାଗ ସ ଆ ସଙ୍କ ଦେହାନ୍ତ ହୋଇଯିବା ବିଷୟରେ ଖବର ଦିଆଯାଇଥିଲା,ସୁତରାଂ ଆଁହଜରତ ସ ଅ ସ ଖୁତବା ପାଠ କଲେ ଏବଂ ଖୁତବାରେ ସେହି ସୁରଃର ଅବତୀର୍ଣ୍ଣ ହେବା ବିଷୟରେ ବର୍ଣ୍ଣନା କଲେ । ପୁଣି କହିଲେ ଯେ ଅଲ୍ଲାଃତାଲା ନିଜର ଭକ୍ତଙ୍କୁ ତାଙ୍କର ଜଣେ ସାଥିଙ୍କୁ କିମ୍ବା ସାଂସାରିକ ଉନ୍ନତି ଓ ଅଗ୍ରଗତି ମଧ୍ୟରୁ ଗୋଟିଏ ଜିନିଷକୁ ବାଛିବା ପାଇଁ ଅନୁମତି ଦେଇଥିଲେ । ସେଥିରେ ଅଲ୍ଲାଃତାଲା ସାଥି ଚୟନ କରିବାକୁ ଅଗ୍ରାଧିକାର ଦେଇଥିଲେ । ଏହି ସୁରଃକୁ ଶୁଣି ସାହାବାମାନଙ୍କର ଚେହେରା ଆନନ୍ଦରେ ଖେଳିଗଲା,ସମସ୍ତେ ଅଲ୍ଲାଃତାଲାଙ୍କ ପ୍ରଶଂସା ଗାନ କରିବାକୁ ଲାଗିଲେ,ଏବଂ କହିବାକୁ ଲାଗିଲେ ଯେ ଅଲହମଦୁଲିଲ୍ଲାଃ ! ଏବେ ଏମିତି ଦିନ ଆସିବାକୁ ଅଛି । କିନ୍ତୁ ଯେତେବେଳେ ବାକି ସବୁ ଲୋକେ ଖୁସି ହେଉଥିଲେ,ସେତେବେଳେ ହଜରତ ଅବୁ ବକର ର ଅ ଅଚାନକ ଚିତ୍କାର କରି କାନ୍ଦିବାକୁ ଲାଗିଲେ । ପୁଣି ସେ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ ସ ଆ ସ ! ଆପଣଙ୍କ ଉପରେ ଆମ ମାଆ ବାପା ଏବଂ ଆମ ସ୍ତ୍ରୀ ପିଲା ସମସ୍ତେ ଉତ୍ସର୍ଗ ହୁଅନ୍ତୁ । ଆପଣଙ୍କ ପାଇଁ ଆମେ ସବୁ ପ୍ରକାରର ବଳିଦାନ ଦେବା ପାଇଁ ପ୍ରସ୍ତୁତ ଅଛୁ । ଉଦାହରଣ ସ୍ୱରୂପ ଯେମିତି ଜଣଙ୍କ ପ୍ରିୟଜନ ଅସୁସ୍ଥ ହେଲେ,ତାଙ୍କ ପାଇଁ ଛେଳି (ସଦକାଃ ନିମନ୍ତେ) ଜେବହ କରାଯାଇଥାଏ, ଠିକ ସେହିପରି ହଜରତ ଅବୁ ବକର ର ଅ ନିଜକୁ ତଥା ନିଜର ସମସ୍ତ ପ୍ରିୟଜନମାନଙ୍କୁ ଆଁହଜରତ ସ ଆ ସଙ୍କ ନିମନ୍ତେ ଉତ୍ସର୍ଗ କରିବା ପାଇଁ ଉପସ୍ଥାପନ କଲେ ।

ହଜରତ ଅବୁ ବକର ର ଅଙ୍କର ଏପରି କ୍ରନ୍ଦନକୁ ଦେଖି ଏବଂ ତାଙ୍କର ଏପରି କଥାକୁ ଶୁଣି କେତେକ ସାହାବା କହିଲେ ଯେ ଦେଖ ! ଏ ବୁଢ଼ାକୁ କଣ ହୋଇଯାଇଛି । ଅଲ୍ଲାଃତାଲା ଜଣେ ବ୍ୟକ୍ତିଙ୍କୁ ଏ ଅକ୍ତିଆର ଦେଇଛନ୍ତି ଯେ ସେ ସାଥିକୁ ଚୟନ କରନ୍ତୁ ବା ସାଂସାରିକ ଉନ୍ନତିକୁ ଚୟନ କରନ୍ତୁ,ଏବଂ ସେ ସାଥିକୁ ଚୟନ କଲେ । କିନ୍ତୁ ଇଏ କାହିଁକି କାନ୍ଦୁଛି ? ଏଠାରେ ଇସଲାମର ବିଜୟ ବିଷୟରେ ପ୍ରତିଶ୍ରୁତି ଦିଆଯାଇଅଛି । ଏପରିକି ହଜରତ ଉମର ର ଅଙ୍କ ପରି ମହାନ ପଦମର୍ଯ୍ୟାଦା ସମ୍ପନ୍ନ ସାହାବି ଏଠାରେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ । ରସୁଲେ କରିମ ସ ଆ ସ ଲୋକମାନଙ୍କର ଏପରି ଆଶ୍ଚର୍ଯ୍ୟଚକିତ ହେବା ବିଷୟକୁ ଅନୁଭବ କଲେ, ହଜରତ ଅବୁ ବକର ର ଅଙ୍କ ବ୍ୟାକୁଳତାକୁ ଦେଖିଲେ ଏବଂ ତାଙ୍କୁ ସାନ୍ତ୍ୱନା ଦେବା ପାଇଁ କହିଲେ ଯେ ଅବୁ ବକର ମୋତେ ଏତେ ପ୍ରିୟ ଯେ ଯଦି ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କାହାକୁ ଖଲିଲ (ଅର୍ଥାତ ପ୍ରକୃତ ବନ୍ଧୁ ଓ ପ୍ରକୃତ ସଖା) କରିବା ପାଇଁ ଅନୁମତି ଥାଆନ୍ତା,ତା'ହେଲେ ମୁଁ ତାଙ୍କୁ ନିଜର ଖଲିଲ ବନାନ୍ତି ।'' ପୁଣି ଆଗକୁ କହିଲେ, "କିନ୍ତୁ ଏବେ ବି ଇଏ ମୋର ବନ୍ଧୁ ଏବଂ ମୋ ସାହାବି (ସାଥି) ଅଟନ୍ତି । ପୁଣି କହିଲେ ଯେ ମୁଁ ଆଦେଶ ଦେଉଛି ଯେ ଆଜିଠାରୁ ଯେଉଁ ଲୋକମାନଙ୍କ ଘରର ଝରକାଗୁଡ଼ିକ ମସଜିଦ ଆଡ଼କୁ ଖୋଲା ଅଛି,ତାହା ସବୁ ବନ୍ଦ କରିଦିଆଯାଉ କେବଳ ଅବୁ ବକର ର ଅଙ୍କ ଝରକା ଖୋଲା ରହୁ । ଏହିପରି ଭାବରେ ତାଙ୍କ ପ୍ରେମକୁ ମହାଭାଗ ସ ଆ ସ ପ୍ରଶଂସା କଲେ । କାରଣ ତାଙ୍କର ସେହି ପ୍ରେମ ସମ୍ପୂର୍ଣ୍ଣ ପ୍ରେମ ଥିଲା । ଯାହା ଅବୁ ବକର ର ଅଙ୍କୁ ବତାଇଦେଲା ଯେ ସେହି ବିଜୟ ଏବଂ ସାହାଯ୍ୟ ସହଯୋଗର ଖବର ପଛରେ ଆଁହଜରତ ସ ଅ ସଙ୍କ ଦେହାନ୍ତ ହୋଇଯିବାର ଖବର ମଧ୍ୟ ନିହିତ ରହିଛି । ତେଣୁ ହଜରତ ଅବୁ ବକର ର ଅ ନିଜର ଏବଂ ନିଜ ପ୍ରିୟଜନମାନଙ୍କର ଜୀବନକୁ ଉତ୍ସର୍ଗ କରିବା ପାଇଁ କହିଲେ ଯେ ଆମେ ମରିଯାଉ ପଛକେ କିନ୍ତୁ ମହାଭାଗ ସ ଆ ସ ବଂଚିରହନ୍ତୁ । ରସୁଲେ କରିମ ସ ଆ ସଙ୍କ ଦେହାନ୍ତ ସମୟରେ ମଧ୍ୟ ହଜରତ ଅବୁ ବକର ର ଅ ନିଜ ପ୍ରେମର ଉଚ୍ଚତମ ଆଦର୍ଶକୁ ଉପସ୍ଥାପନ କଲେ । ଅତେବ ହଜରତ ଅବୁ ବକର ର ଅ ସୋର ଗୁମ୍ଫାରେ ନିଜ ଜୀବନ ପାଇଁ କୌଣସି ପ୍ରକାରର ଭୟ କରିନଥିଲେ ବରଂ ରସୁଲେ କରିମ ସ ଆ ସଙ୍କ ଜୀବନ ପାଇଁ ଭୟ କରିଥିଲେ । ତେଣୁ ସେଇଥି ପାଇଁ ଅଲ୍ଲାଃତାଲା ତାଙ୍କୁ ବିଶେଷ ଭାବରେ ସାନ୍ତ୍ୱନା ଦେଇଥିଲେ'' ***(ଖୁତବାତେ ମହମୁଦ,ଖ-୧୬,ପୃ-୮୧୪-୮୧୫,ଖୁତବା ଜୁମା ପ୍ରଦତ ୧୮ ଅକ୍ଟୋବର ୧୯୩୫)*** ପ୍ରତ୍ୟେକ ସ୍ଥାନରେ ଯେଉଁଠି ବି ଯାହା ପ୍ରକାଶ କରିଥିଲେ,ସେଠାରେ ତାହା ଆଁହଜରତ ସ ଆ ସଙ୍କ ପ୍ରେମ ପାଇଁ କରିଥିଲେ ।

ହଜରତ ମୁସଲେହ ମଉଦ ର ଅ ଗୋଟିଏ ସ୍ଥାନରେ କହିଛନ୍ତି ଯେ "ହଦିସରେ ଆସିଛି ଯେ ଥରେ ହଜରତ ଉମର ର ଅ ଏବଂ ହଜରତ ଅବୁ ବକର ର ଅଙ୍କ ମଧ୍ୟରେ କୌଣସି ଗୋଟିଏ କଥାରେ ଯୁକ୍ତି ହୋଇଗଲା,ଏବଂ ସେହି ଯୁକ୍ତି ବହୁତ ବଢ଼ିଗଲା । ହଜରତ ଉମର ର ଅଙ୍କର ସ୍ୱଭାବ ବହୁତ ତୀକ୍ଷ୍ଣ ଥିଲା । ତେଣୁ ହଜରତ ଅବୁ ବକର ର ଅ ଏହା ଉଚିତ ମନେ କେଲେ ଯେ ସେ ଉକ୍ତ ସ୍ଥାନରୁ ଉଠି ଚାଲିଯିବେ । ଯଦ୍ୱାରା ସେମାନଙ୍କର ଝଗଡ଼ା ତୁଚ୍ଛାଟାରେ ବଢି ନଯାଉ । ହଜରତ ଅବୁ ବକର ର ଅ ଯିବା ପାଇଁ ଚେଷ୍ଟା କଲେ । ସୁତରାଂ ହଜରତ ଉମର ର ଅ ଆଗକୁ ବଢି ହଜରତ ଅବୁ ବକର ର ଅଙ୍କ କୁର୍ତାକୁ ଧରିନେଲେ ଯେ ମୋ କଥାର ଉତର ଦେଇ ଯାଆନ୍ତୁ । ଯେବେ ହଜରତ ଅବୁ ବକର ର ଅ ତାଙ୍କ ହାତରୁ କୁର୍ତାକୁ ଛଡାଇ ଯିବାକୁ ବାହାରିଲେ,ତାଙ୍କର ସେହି କୁର୍ତାଟି ଫାଟିଗଲା । ହଜରତ ଅବୁ ବକର ର ଅ ସେଠାରୁ ନିଜ ଘରକୁ ଚାଲି ଆସିଲେ, କିନ୍ତୁ ହଜରତ ଉମର ର ଅଙ୍କୁ ଏ ଶଙ୍କା ହେଲା ଯେ କାଳେ ହଜରତ ଅବୁ ବକର ର ଅ ରସୁଲେ କରିମ ସ ଆ ସଙ୍କ ନିକଟରେ ମୋ ବିଷୟରେ ଅଭିଯୋଗ କରିବାକୁ ଗଲେ ନାହିଁ ତ । ତେଣୁ ସେ ମଧ୍ୟ ତାଙ୍କ ପଛେ ପଛେ ଚାଲିଲେ ଯେ ସେ ବି ରସୁଲେ କରିମ ସ ଅ ସଙ୍କ ନିକଟରେ ନିଜର ଫେରାଦ କରିବେ । କିନ୍ତୁ ରାସ୍ତାରେ ହଜରତ ଅବୁ ବକର ର ଅ ହଜରତ ଉମର ର ଅଙ୍କ ଆଖିରୁ ଅଦୃଶ୍ୟ ହୋଇଗଲେ । ହଜରତ ଉମର ର ଅ ଭାବିଲେ ଯେ ହଜରତ ଅବୁ ବକର ର ଅ ନବି କରିମ ସ ଅ ସ ଙ୍କ ନିକଟରେ ମୋ ବିରୁଦ୍ଧରେ ଅଭିଯୋଗ କରିବାକୁ ଯାଇଛନ୍ତି । ତେଣୁ ସେ ମଧ୍ୟ ସିଧା ରସୁଲେ କରିମ ସ ଅ ସଙ୍କ ନିକଟରେ ଯାଇ ପହଂଚିଲେ । ସେଠାରେ ଯାଇ ଦେଖିଲେ ଯେ ହଜରତ ଅବୁ ବକର ର ଅ ସେଠାରେ ନାହାନ୍ତି କିନ୍ତୁ ଯେହେତୁ ସେ ତାଙ୍କ ମନରେ ଏକ ପ୍ରକାରର ପଶ୍ଚାତାପ ସୃଷ୍ଟି ହୋଇସାରିଥିଲା, ତେଣୁ ସେ ନିବେଦନ କରି କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ ସ ଆ ସ ! ମୁଁ ଅବୁ ବକର ର ଅଙ୍କ ସହିତ କଠୋର ବ୍ୟବହାର କରି ବଡ଼ ଭୁଲ କରି ଦେଇଛି । ଅବୁ ବକର ର ଅଙ୍କର କୌଣସି ଭୁଲ ନାହିଁ ବରଂ ସବୁ ଭୁଲ ହେଉଛି ମୋର । ଯେବେ ହଜରତ ଉମର ର ଅ ରସୁଲେ କରିମ ସ ଅ ସଙ୍କ ସେବାରେ ଉପସ୍ଥିତ ହେଲେ,ସେତେବେଳେ ହଜରତ ଅବୁ ବକର ର ଅଙ୍କୁ କେହି ଜଣେ ଯାଇ କହିଦେଲା ଯେ ହଜରତ ଉମର ର ଅ ଆପଣଙ୍କ ବିରୁଦ୍ଧରେ ଅଭିଯୋଗ କରିବା ପାଇଁ ରସୁଲେ କରିମ ସ ଅ ସଙ୍କ ନିକଟକୁ ଯାଇଛନ୍ତି । ହଜରତ ଅବୁ ବକର ର ଅଙ୍କ ମନରେ ଏ ଭାବନା ସୃଷ୍ଟି ହେଲା ଯେ ମତେ ବି ମୋ ନିର୍ଦ୍ଦୋଶ ହେବାର ପ୍ରମାଣ ଦେବା ପାଇଁ ଯିବା ଉଚିତ । ଯଦ୍ୱାରା ଏକପାଖିଆ କଥା ହେବ ନାହିଁ ଓ ମୁଁ ମଧ୍ୟ ମୋର ଦୃଷ୍ଟିକୋଣକୁ ଉପସ୍ଥାପନ କରିପାରିବି । ଯେବେ ହଜରତ ଅବୁ ବକର ର ଅ ରସୁଲେ କରିମ ସ ଆ ସଙ୍କ ସଭାରେ ପହଂଚିଲେ, ସେଠାରେ ହଜରତ ଉମର ର ଅ ଏକଥା କହୁଥିଲେ ଯେ ହେ ଅଲ୍ଲାଃଙ୍କ ରସୁଲ ସ ଅ ସ ! ମୋର ଭୁଲ ହୋଇଯାଇଛି ଯେ ମୁଁ ଅବୁ ବକରଙ୍କ ସହିତ ଯୁକ୍ତିତର୍କ କରି ବସିଛି ଏବଂ ତାଙ୍କର କୁର୍ତା ମୋ ଯୋଗୁଁ ଫାଟି ଚିରି ଯାଇଛି । ଯେବେ ରସୁଲେ କରିମ ସ ଅ ସ ଏକଥା ଶୁଣିଲେ,ସେତେବେଳେ କ୍ରୋଧର ଚିହ୍ନ ତାଙ୍କ ମୁଖମଣ୍ଡଳରୁ ପ୍ରକାଶ ହେଲା । ଅତେବ ମହାଭାଗ ସ ଆ ସ କହିଲେ : ହେ ଲୋକମାନେ ! ତୁମକୁ କ'ଣ ହୋଇଯାଇଛି । ଯେବେ ସମଗ୍ର ଦୁନିଆ ମୋତେ ଅସ୍ୱୀକାର କରୁଥିଲା ଏବଂ ତୁମେମାନେ ମଧ୍ୟ ମୋ ବିପକ୍ଷରେ ଥିଲ,ସେତେବେଳେ ଅବୁ ବକର ର ଅ ହିଁ ଏପରି ବ୍ୟକ୍ତି ଥିଲେ, ଯିଏ ମୋ ଉପରେ ବିଶ୍ୱାସ କଲେ ଏବଂ ପ୍ରତ୍ୟେକ କ୍ଷେତ୍ରରେ ଓ ପ୍ରତ୍ୟେକ କାର୍ଯ୍ୟରେ ମୋତେ ସାହାଯ୍ୟ ସହଯୋଗ କଲେ ।

ପୁଣି ବହୁତ ଦୁଃଖର ସହିତ କହିଲେ, କ'ଣ ଏବେ ବି ତୁମେମାନେ ମୋତେ ଏବଂ ଅବୁ

ବକର ର ଅଙ୍କୁ ଛାଡ଼ିବ ନାହିଁ ? ମହାଭାଗ ସ ଆ ସ ଏକଥା କହୁଥିଲେ ଯେ ହଜରତ ଅବୁ ବକର ର ଅ ସେଠାରେ ପ୍ରବେଶ କଲେ ।''

ପୁଣି ତା ଆଗକୁ ବିବରଣୀ ବର୍ଣ୍ଣନା କରି ହଜରତ ମୁସଲେହ ମଉଦ ର ଅ କହିଲେ ଯେ ଯେବେ ହଜରତ ଅବୁ ବକର ର ଅ ସେଠାରେ ପ୍ରବେଶ କଲେ,ସେତେବେଳେ ତାଙ୍କର ହାବଭାବ ଓ ଆଚରଣ କ'ଣ ଥିଲା ? ହଜରତ ମୁସଲେହ ମଉଦ ର ଅ କହିଛନ୍ତି : "ଏହା ହେଉଛି ପ୍ରକୃତ ପ୍ରେମର ଉଦାହରଣ ଯେ ସେ ଏ ବାହାନା କରିପାରିଥାନ୍ତେ ଯେ ହେ ଅଲ୍ଲାଃଙ୍କ ରସୁଲ ସ ଅ ସ ! ମୋର କିଛି ଭୂଲ ନାହିଁ ବରଂ ସବୁ ଭୂଲ ହଜରତ ଉମର ର ଅଙ୍କର ଥିଲା କିନ୍ତୁ ହଜରତ ଅବୁ ବକର ର ଅ ଯେବେ ଦେଖିଲେ ଯେ ରସୁଲେ କରିମ ସ ଅ ସଙ୍କ ମନରେ ଦୁଃଖ ସୃଷ୍ଟି ହୋଇଛି,ତେଣୁ ସେ ଜଣେ ସଚ୍ଚା ପ୍ରେମୀ ଭାବରେ ଏହି ଦୁଃଖକୁ ବରଦାସ୍ତ କରିପାରିଲେ ନାହିଁ ଯେ ମୋ ଯୋଗୁଁ ରସୁଲେ କରିମ ସ ଆ ସ ଙ୍କୁ କୌଣସି ପ୍ରକାରର ଦୁଃଖ ହେଉ । ତେଣୁ ଆସିବା ମାତ୍ରେ ହିଁ ରସୁଲେ କରିମ ସ ଆ ସ ଙ୍କ ସମ୍ମୁଖରେ ଆଣ୍ଠୁମାଡି ବସି ପଡିଲେ ଏବଂ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ ସ ଆ ସ ! ଉମର ର ଅଙ୍କର କିଛି ଦୋଷ ନାହିଁ ସବୁ ଦୋଷ ମୋର ଥିଲା । ଦେଖନ୍ତୁ ହଜରତ ଅବୁ ବକର ର ଅ କେଡ଼େ ସଚ୍ଚା ପ୍ରେମୀ ଥିଲେ ଯେ ସେ ଏହା ଚାହୁଁ ନଥିଲେ ଯେ ତାଙ୍କ ପ୍ରେମିକଙ୍କ ମନକୁ କୌଣସି ବି ପ୍ରକାରେ ଦୁଃଖ ପହଂଚୁ । ଯେବେ ସେ ଦେଖିଲେ ଯେ ମହାଭାଗ ସ ଆ ସ ହଜରତ ଉମର ର ଅଙ୍କ ଉପରେ ନାରାଜ ହୋଇଛନ୍ତି '' ହଜରତ ଅବୁ ବକର ର ଅ ଏକଥାରେ "ଖୁସି ହେଲେ ନାହିଁ । ସାଧାରଣତଃ ଲୋକମାନଙ୍କର ଏ ଅଭ୍ୟାସ ଥାଏ ଯେ ଯେତେବେଳେ ସେମାନେ ନିଜ ପ୍ରତିପକ୍ଷକୁ ଝାଡ଼ ପଡ଼ିବା ଦେଖନ୍ତି'' ଡ଼ାଂଟ ପଡିବାର ଦେଖିଥାନ୍ତି "ସେତେବେଳେ ସେମାନେ ଖୁସି ହୋଇଥାନ୍ତି ଯେ ତାଙ୍କ ପ୍ରତିପକ୍ଷକୁ ଡ଼ାଂଟ ପଡୁଛି, କିନ୍ତୁ ସେହି ସଚ୍ଚା ପ୍ରେମୀ ଜଣକ ଏହାକୁ ପସନ୍ଦ କଲେ ନାହିଁ ଯେ ରସୁଲେ କରିମ ସ ଆ ସ ଙ୍କ ମନକୁ କୌଣସି କାରଣରୁ ବି ଦୁଃଖ ପହଂଚୁ । ତେଣୁ ହଜରତ ଅବୁ ବକର ର ଅ କହିଲେ ଯେ ମୁଁ ଦୋଷି ହୋଇଯିବି ପଛକେ କିନ୍ତୁ ମୋ ପ୍ରେମିକଙ୍କ ମନକୁ ଦୁଃଖ କରିବାକୁ ଦେବିନାହିଁ । ସେଥି ଯୋଗୁଁ ଅତ୍ୟନ୍ତ ବିନମ୍ରତାର ସହିତ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ ସ ଆ ସ ! ଉମର ର ଅଙ୍କର କୌଣସି ବି ଭୂଲ ନଥିଲା ମୋର ଭୂଲ ଥିଲା । ହଜରତ ମୁସଲେହ ମଉଦ ର ଅ କୁହନ୍ତି ଯେ "ଯଦି ହଜରତ ଅବୁ ବକର ର ଅ ରସୁଲେ କରିମ ସ ଆ ସଙ୍କ ହୃଦୟର ଦୁଃଖକୁ ଦୂର କରିବା ଖାତିର ନିଜେ ନିର୍ଦ୍ଦୋଷ ହେବା ସତ୍ୱେ ବି ଦୋଷି ଭାବରେ ନିଜକୁ ସ୍ୱୀକାର କରିଛନ୍ତି,ଯଦ୍ଦ୍ୱାରା ମହାଭାଗ ସ ଆ ସଙ୍କ ମନକୁ ଦୁଃଖ ନପହଂଚୁ । ତା'ହେଲେ ଏହା କିପରି ହୋଇପାରେ ଯେ ଜଣେ ବିଶ୍ୱାସକାରୀ ଭକ୍ତ ନିଜ ଈଶ୍ୱରଙ୍କ ପ୍ରସନ୍ନତା ପାଇଁ ସେହି କାର୍ଯ୍ୟ ନକରିବ ଯାହା ତାକୁ ଅଲ୍ଲାଃତାଲାଙ୍କ ନିକଟତର କରିଦେବ ।'' *(ଖୁତବାତେ ମହମୁଦ,ଖ-୨୭,ପୃ-୩୧୩-୩୧୪)*

ଜଣେ ମୋମିନ (ଅର୍ଥାତ ଜଣେ ଈଶ୍ୱର ବିଶ୍ୱାସୀ)ର ଏ ଲକ୍ଷଣ ରହିଥାଏ ଯେ ସେ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ କାମ କରୁ ଏବଂ ଏପରି କୌଣସି କାର୍ଯ୍ୟ ନକରୁ ଯାହା ଅଲ୍ଲାଃଙ୍କୁ ନାରାଜ କରିଦେଉଥିବ । ଏଠାରେ ସେ ଏ ପ୍ରସଙ୍ଗରେ ନିଜର ଗୋଟିଏ ଉଦାହରଣ ଦେଲେ ।

ପୁଣି ହଜରତ ମୁସଲେହ ମଉଦ ର ଅ ଗୋଟିଏ ସ୍ଥାନରେ କହିଛନ୍ତି ଯେ "ହଜରତ ଉମର ର ଅ ଏକଦା ରସୁଲେ କରିମ ସ ଆ ସ ଙ୍କ ନିକଟରେ ତୌରାତର ଗୋଟିଏ ପୁସ୍ତକ ଧରି ଉପସ୍ଥିତ ହେଲେ,ଏବଂ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ ସ ଆ ସ ! ଏହା ହେଉଛି ତୌରାତ । ମହାଭାଗ ସ ଆ ସ ତାଙ୍କ କଥାକୁ ଶୁଣି ନୀରବ ହୋଇଗଲେ । କିନ୍ତୁ ହଜରତ ଉମର ର ଅ ସେହି ତୌରାତକୁ ଖୋଲି ପଢିବା ଆରମ୍ଭ କରିଦେଲେ । ଏଥିରେ ରସୁଲେ କରିମ ସ ଆ ସଙ୍କ ଚେହେରାରେ ଅପ୍ରସନ୍ନତାର ଚିହ୍ନ ପ୍ରକାଶ ପାଇଲା । ହଜରତ ଅବୁ ବକର ର ଅ ଯେବେ ଏହା ଦେଖିଲେ,ସେ ସଙ୍ଗେ ସଙ୍ଗେ ହଜରତ ଉମର ର ଅଙ୍କ ଉପରେ ରାଗିଗଲେ । ପୁଣି କହିଲେ ଯେ କ'ଣ ତୁମେ ଜାଣି ପାରୁନାହଁ ଯେ ରସୁଲେ କରିମ ସ ଆ ସ ଏହାକୁ ଖରାପ ଭାବୁଛନ୍ତି ବୋଲି !

ତାଙ୍କ କଥାକୁ ଶୁଣି ହଜରତ ଉମର ର ଅ ଙ୍କୁ ମଧ୍ୟ ସେଥିପ୍ରତି ଧ୍ୟାନ ଆକର୍ଷଣ ହେଲା । ପୁଣି ସେ ରସୁଲେ କରିମ ସ ଆ ସ ଙ୍କ ଚେହାରାକୁ ଦେଖିଲେ । ସେ ମଧ୍ୟ ରସୁଲେ କରିମ ସ ଆ ସ ଙ୍କ ଚେହେରାରେ ଅସନ୍ତୋଷର ଚିହ୍ନ ଦେଖିବାକୁ ପାଇଲେ । ସୁତରାଂ ସେ ଦୁଃଖ ଅନୁଭବ କରି ରସୁଲେ କରିମ ସ ଆ ସ ଙ୍କ ନିକଟରେ କ୍ଷମା ମାଗିଲେ ।'' (ତଫସୀର କବୀର ,ଖ-୦୬,ପୃ-୨୫୩)

ହଜରତ ମୁସଲେହ ମଉଦ ର ଅ ଏହି ଘଟଣାକୁ ଗୋଟିଏ ଆୟତର ବ୍ୟାଖ୍ୟାରେ ବର୍ଣ୍ଣନା କରିଛନ୍ତି ଯେ ଆଁହଜରତ ସ ଆ ସଙ୍କ ଅସନ୍ତୋଷ ହେବାର କାରଣ ହଜରତ ଉମର ର ଅଙ୍କର ସେହି ଆୟତକୁ ପାଠ କରିବାର ଥିଲା,ଯାହା ଇସଲାମୀୟ ଶିକ୍ଷାର ବିପରୀତ ଥିଲା । ଏହି କାରଣରୁ ମହାଭାଗ ସ ଆ ସ କ୍ରୋଧିତ ହୋଇଥିଲେ, ତୌରାତ ପାଠ କରିବା ଯୋଗୁଁ ନୁହେଁ । ଯଦି କାହାକୁ ସେହି ତଫସୀର (ବ୍ୟାଖ୍ୟା) ପଢିବା ପାଇଁ ଆଗ୍ରହ ଥାଏ, ତାହେଲେ ତଫସୀର କବୀର ଖ-୦୬ରେ ଥିବା ସୁରଃ ନୂରର ତିନି ନଂ ଆୟତ ଅନ୍ତର୍ଗତ ତାହାର ବାକି ତଫସୀର ଉଲ୍ଲେଖ ରହିଛି । ସେ ସେଠାରେ ଯାଇ ଦେଖି ପାରିବେ ।

ହଜରତ ମୁସଲେହ ମଉଦ ର ଅ କୁହନ୍ତି ଯେ "ରସୁଲେ କରିମ ସ ଆ ସଙ୍କ ଅନୁସରଣ ତାଙ୍କ ସାହାବାମାନେ କିପରି କରୁଥିଲେ, ତାହାର ପ୍ରମାଣ ହଜରତ ଅବୁ ବକର ର ଅ ଙ୍କର ଗୋଟିଏ ଘଟଣାରୁ ମିଳିପାରିବ । ରସୁଲେ କରିମ ସ ଆ ସଙ୍କ ଦେହାନ୍ତ ପରେ ଯେବେ କେତେକ ଆରବୀୟ କବିଲାର ଲୋକମାନେ ଜକାତ ଦେବାପାଇଁ ମନା କରିଦେଲେ, ସେତେବେଳେ ହଜରତ ଅବୁ ବକର ର ଅ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ସେତେବେଳେ ପରିସ୍ଥିତି ଏତେ ଜଟିଳ ଥିଲା ଯେ ହଜରତ ଉମର ର ଅଙ୍କ ପରି ଲୋକ ଏ ପରାମର୍ଶ ଦେଲେ ଯେ ଏହି ଲୋକମାନଙ୍କ ପ୍ରତି ନମ୍ର ହେବା ଉଚିତ । କିନ୍ତୁ ହଜରତ ଅବୁ ବକର ର ଅ ଏ ଉତ୍ତର ଦେଲେ ଯେ :

ଅବୁ କାହାଫାଙ୍କ ପୁଅର କ'ଣ ଶକ୍ତି ଅଛି ଯେ ସେ ପବିତ୍ର ରସୁଲେ କରିମ ସ ଆ ସ ଙ୍କ ସେହି ନିର୍ଦ୍ଦେଶ/ଆଦେଶକୁ ରଦ୍ଦ କରିଦେବ । ଅଲ୍ଲାଃଙ୍କ ରାଣ ! ଯଦି ଏହି ଲୋକମାନେ ରସୁଲେ କରିମ ସ ଆ ସଙ୍କ ସମୟରେ ଓଟର ଆଣ୍ଠୁ (ଅର୍ଥାତ ଗୋଡ଼)କୁ ବାନ୍ଧିବା ପାଇଁ ଗୋଟିଏ ରସି ବି ଜକାତ ଆକାରରେ ଦେଉଥିଲେ,ତାହେଲେ ମୁଁ ସେହି ରସିକୁ ମଧ୍ୟ ସେମାନଙ୍କଠାରୁ ନେଇକି ରହିବି ଏବଂ ମୁଁ ସେପର୍ଯ୍ୟନ୍ତ ଶାନ୍ତିରେ ବସି ରହିବି ନାହିଁ ଯେପର୍ଯ୍ୟନ୍ତ ସେମାନେ ଜକାତ ନଦେଇଛନ୍ତି''

ଏହା ହେଉଛି ବୁଖାରୀ ହଦିସର ରିଓ୍ୱାୟତ । ହଜରତ ଅବୁ ବକର ର ଅ କହିଲେ ଯେ "ଯଦି ତୁମେ ଏହି ମାମଲାରେ ମୋତେ ସାହାଯ୍ୟ ନକରିପାରୁଛ ତା'ହେଲେ ଅବଶ୍ୟ ନକରିପାର କିନ୍ତୁ ମୁଁ ଏକାକୀ ସେମାନଙ୍କର ମୁକାବିଲା କରିବି । ଦେଖନ୍ତୁ ରସୁଲେ କରିମ ସ ଅ ସଙ୍କୁ କି ପ୍ରକାରର ଅନୁସରଣ କରାଯାଉଛି ଯେ ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତିରେ ବି ଯେବେ ବଡ଼ ବଡ଼ ସାହବାମାନେ ତାଙ୍କୁ ଯୁଦ୍ଧ ନକରିବା ପାଇଁ ପରାମର୍ଶ ଦେଉଥିଲେ,ତାହା ସତ୍ୱେ ବି ସେ ରସୁଲେ କରିମ ସ ଆ ସଙ୍କ ଅଦେଶକୁ ପୂରଣ କରିବା ପାଇଁ ପ୍ରତ୍ୟେକ ପ୍ରକାରର ବିପଦକୁ ସମ୍ମୁଖିନ ହେବାପାଇଁ ପ୍ରସ୍ତୁତ ହୋଇଯାଉଥିଲେ । ସେହିପରି ଉସାମାଙ୍କ ସେନାକୁ ରୋକି ଦେବାପାଇଁ ମଧ୍ୟ ସାହାବାମାନେ ବହୁତ ଜୋର ଦେଲେ କିନ୍ତୁ ହଜରତ ଅବୁ ବକର ର ଅ କହିଲେ ଯେ ଯଦି ଶତୃ ଏତେ ଶକ୍ତିଶାଳୀ ହୋଇ ମଦିନା ଉପରେ ବିଜୟ ଲାଭକରିନିଏ,ଏବଂ ମୁସଲମାନ ମହିଳାମାନଙ୍କ ଶବଗୁଡ଼ିକୁ କୁକୁର ଘୋଷାରି ବୁଲନ୍ତି,ତାହେଲେ ବି ମୁଁ ସେହି ସେନାକୁ ରୋକି ପାରିବି ନାହିଁ ଯେଉଁ ସେନାକୁ ରସୁଲେ କରିମ ସ ଆ ସ ପ୍ରେରଣ କରିବା ପାଇଁ ପ୍ରସ୍ତୁତ କରିଥିଲେ ।'' *(ତଫସୀର କବୀର ,ଖ-୦୮,ପୃ-୧୦୮-୧୦୯)*

ହଜରତ ଜାବିର ର ଅ ବର୍ଣ୍ଣନା କରିଛନ୍ତି ଯେ ରସୁଲେ କରିମ ସ ଆ ସ କହିଲେ ଯଦି ବାହାରିନର ଧନ ମୋ ନିକଟକୁ ଆସେ, ତେବେ ମୁଁ ତୁମକୁ ଏତେ ଏବଂ ଏତେ ମାତ୍ରାରେ ଦେବି । ହାତର ଅଙ୍ଗଭଙ୍ଗୀରେ ବତାଇଲେ । କିନ୍ତୁ ସେହି ଧନ ସେତେବେଳେ ଆସିଲା ଯେବେ ନବି କରିମ ସ ଆ ସଙ୍କର ଦେହାନ୍ତ ହୋଇଗଲା । ଯେବେ ବାହାରିନର ଧନ ଆସିଲା,ହଜରତ ଅବୁ ବକର ର ଅ ଜଣେ ଘୋଷଣାକାରୀକୁ ନିର୍ଦ୍ଦେଶ ଦେଲେ ଯେ ସେ ଘୋଷଣା କରିଦେଉ । ଅତେବ ସେ ଏ ଘୋଷଣା କଲା ଯେ ରସୁଲେ କରିମ ସ ଆ ସଙ୍କ ନିକଟରେ ଯଦି କାହାର ବି କୌଣସି କରଜ ବା କିଛି ପ୍ରତିଶୃତି ପାଇବାର ଅଛି,ତହେଲେ ସେ ମୋ ନିକଟକୁ ଆସନ୍ତୁ । ସେ କହୁଛନ୍ତି ଯେ ଏହା ଶୁଣି ମୁଁ ତାଙ୍କ ନିକଟକୁ ଗଲି ଏବଂ ତାଙ୍କୁ କହିଲି ଯେ ରସୁଲେ କରିମ ସ ଆ ସ ଏପରି ପ୍ରତିଶୃତି ଦେଇଥିଲେ । ଏଥିରେ ହଜରତ ଅବୁ ବକର ର ଅ ତିନି ଲପ ଭରି କରି ଦେଲେ । ଅଲୀ ବିନ ମଦୀନୀ କୁହନ୍ତି ଯେ ସୁଫିୟାନ ଦୁଇ ହାତକୁ ଏକାଠି କରି ଲପକୁ ଭରୁଥିଲେ ଏପରି ଉଠାଇ ତିନି ଥର ଦେଲେ । *(ସହି ବୁଖାରୀ ,କିତାବ ଫରଜୁଲ ଖୁମସ,ବାବ ....ହଦିସ ନଂ-୩୧୩୭ ମୁତରଜିମ ଉର୍ଦ୍ଦୁ, ନଜାରତ ଇଶାଅତ ରବୁଆ ଖ-୦୫,ପୃ-୪୮୫-୪୮୬)*

ହଜରତ ଅବୁ ସଇଦ ଖୁଦରୀ ର ଅ ବର୍ଣ୍ଣନା କରିଛନ୍ତି ଯେ ଯେବେ ବହାରୀନରୁ ଧନ ଆସିଲା,ମୁଁ ହଜରତ ଅବୁ ବକର ର ଅ ଙ୍କ ଘୋଷଣାକାରୀକୁ ଏ ଘୋଷଣା କରିବାର ଶୁଣିଲି ଯେ ଯେଉଁ ଲୋକଙ୍କ ସହିତ ରସୁଲେ କରିମ ସ ଆ ସ କିଛି ବି ପ୍ରତିଶୃତି ଦେଇଛନ୍ତି,ସେ ଆସନ୍ତୁ । ତେଣୁ ହଜରତ ଅବୁ ବକର ର ଅଙ୍କ ନିକଟକୁ ଲୋକମାନେ ଆସିଲେ,ଏବଂ ସେ ଲୋକମାନଙ୍କୁ ସେହି ଜିନିଷ ଦେଉଥିଲେ ଯେଉଁ ଜିନିଷ ଦେବାପାଇଁ ରସୁଲେ କରିମ ସ ଅ ସ ସେମାନଙ୍କୁ ପ୍ରତିଶୃତି ଦେଇଥିଲେ । ପୁଣି ହଜରତ ଅବୁ ବଶୀର ମାଜିନୀ ଆସିଲେ,ସେ କହିଲେ ଯେ ରସୁଲେ କରିମ ସ ଅ ସ କହିଛନ୍ତି ହେ ଅବୁ ବଶୀର ! ଯେବେ ଆମ ନିକଟକୁ କିଛି ଆସିବ,ସେତେବେଳେ ତୁମେ ଆସିବ । ଏଥିରେ ହଜରତ ଅବୁ ବକର ର ଅ ତାଙ୍କୁ ଦୁଇ ବା ତିନି ଲପ ଭରିକରି ଦେଲେ, ଯାହାକୁ ସେ ଚଉଦ ଶହ ଦିରହମରେ ପାଇଲେ । *(ତବକାତୁଲ କୁବରାଃ ଲେଇବନେ ସାଆଦ,ଜିକର୍ ମନ କଜା ଦୀନେ ରସୁଲୁଲ୍ଲାଃ ସ ଅ ସ ...,ଖ-୦୨,ପୃ-୨୪୩,ଦାରୁଲ କୁତୁବୁଲ ଅଲମିୟାଃ ବେରୁତ ୧୯୯୦)*

ଲପର ଅର୍ଥ ହେଉଛି ଦୁଇ ହାତ ଜରିଆରେ ଭରିକରି ଦେବା ।

ହଜରତ ଅବୁ ବକର ର ଅ ସାହାବା ମାନଙ୍କ ସହିତ କଥାବାର୍ତାରେ ମଗ୍ନ ଥିଲେ ଯେ ଅଳ୍ପ ସମୟ ଅନ୍ତରାଳେ ହଜରତ ଅବୁ ବକର ର ଅ ନିଜର ଗୁଲାମ (ଦାସ)କୁ କହିଲେ ଯେ ପାଣି ପିଆଓ । ଗୁଲାମ ଜଣକ କିଛି ସମୟ ପରେ ମାଟି ପାତ୍ରରେ ପାଣି ଘେନି ଆସିଲା । ହଜରତ ଅବୁ ବକର ର ଅ ନିଜର ଦୁଇ ହାତରେ ସେହି ପାତ୍ରକୁ ଧରିଲେ ଏବଂ ଶୋଷ ମେଂଟାଇବା ପାଇଁ ନିଜ ମୁହଁ ନିକଟକୁ ନେଇଥିଲେ କି ନାହିଁ ଯେ ସେ ଦେଖିବାକୁ ପାଇଲେ ଯେ ସେହି ପାତ୍ର ଭିତରେ ପାଣି ସହିତ ମହୁ ବି ମିଶିଛି । ସୁତରାଂ ସେ ସେହି ପାତ୍ରଟିକୁ ରଖିଦେଲେ ଓ ପାଣି ପିଇଲେ ନାହିଁ । ପୁଣି ସେହି ଗୁଲାମ ଆଡ଼କୁ ଚାହିଁ ତାକୁ ପଚାରିଲେ ଯେ ଏହା କ'ଣ ? ଗୁଲାମ କହିଲେ ଯେ ପାଣିରେ ମହୁ ମିଶିଛି । ହଜରତ ଅବୁ ବକର ର ଅ ସେହି ପାତ୍ର ଆଡକୁ ଭଲ ଭାବରେ ନିରେଖି ଚାହିଁଲେ ।

କିଛି ସମୟ ବିତି ଥିଲା କି ନାହିଁ ଯେ ହଜରତ ଅବୁ ବକର ର ଅଙ୍କ ଆଖିରୁ ଲୁହର ନଦୀ ବହିବାକୁ ଲାଗିଲା । ହଜରତ ଅବୁ ବକର ର ଅ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ, ତାଙ୍କର କାନ୍ଦିବାର ସ୍ୱର ବଢିବାକୁ ଲାଗିଲା । ଫଳତଃ ସେ ବେହାଲ ହୋଇଗଲେ ।

ଲୋକମାନେ ଏଥିପ୍ରତି ଧ୍ୟାନ ଆକର୍ଷଣ

କଲେ । ପୁଣି ତାଙ୍କୁ ସାନ୍ତ୍ୱନା ଦେଲେ ଯେ ହେ ରସୁଲୁଲ୍ଲାଃଙ୍କ ଖଲିଫା ! ଆପଣଙ୍କୁ କ'ଣ ହୋଇଯାଇଛି । ଆପଣ ଏତେ ଜୋରରେ କାହିଁକି କାନ୍ଦୁଛନ୍ତି ? ଆମ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ଆପଣ ଏତେ ମାତ୍ରାରେ କାହିଁକି କାନ୍ଦୁଛନ୍ତି ? କିନ୍ତୁ ହଜରତ ଅବୁ ବକର ର ଅ କାନ୍ଦିବା ବନ୍ଦ କଲେ ନାହିଁ ବରଂ ଆଖପାଖର ସମସ୍ତ ଲୋକମାନେ ମଧ୍ୟ ତାଙ୍କୁ ଦେଖି କାନ୍ଦିବାକୁ ଲାଗିଲେ ଏବଂ କାନ୍ଦି କାନ୍ଦି ନୀରବ ହୋଇଗଲେ । କିନ୍ତୁ ହଜରତ ଅବୁ ବକର ର ଅ ଅନବରତ କାନ୍ଦି ଚାଲିଥିଲେ, ଯେବେ ଲୁହ କିଛି ସମୟ ପରେ ଥମିଗଲା, ସେତେବେଳେ ଲୋକମାନେ ତାଙ୍କୁ କାନ୍ଦିବାର କାରଣ ପଚାରିଲେ । କାହିଁକି ଆପଣ କାନ୍ଦିଲେ ? ହଜରତ ଅବୁ ବକର ସିଦ୍ଦିକ ର ଅ ନିଜ କନାର କୋଣରେ ଲୁହ ପୋଛି ପୋଛି ନିଜକୁ ନିୟନ୍ତ୍ରଣ କରି କହିଲେ ଯେ ମୁଁ ନବି କରିମ ସ ଆ ସ ଙ୍କ ଶେଷ ସମୟରେ ତାଙ୍କ ନିକଟରେ ଉପସ୍ଥିତ ଥିଲି । ମୁଁ ଆଁହଜରତ ସ ଆ ସଙ୍କୁ ଦେଖିଲି ଯେ ସେ ନିଜ ହାତ ସାହାଯ୍ୟରେ କିଛି ଜିନିଷକୁ ଦୂରେଇ ଦେଉଛନ୍ତି । କିନ୍ତୁ ସେହି ଜିନିଷ ମତେ ଦେଖାଯାଉନଥିଲା । ସେ ଦୂର୍ବଳ ସ୍ୱରରେ କହୁଥିଲେ ଯେ ମୋ ନିକଟରୁ ଦୂରେଇ ଯାଅ,ମୋଠାରୁ ଦୂରେଇ ଯାଅ । ମୁଁ ଆଖପାଖକୁ ଚାହିଁଲି କିନ୍ତୁ ମୋତେ କିଛି ବି ଦେଖାଗଲା ନାହିଁ । ମୁଁ କହିଲି ଯେ ହେ ଅଲ୍ଲାଃଙ୍କ ରସୁଲ ସ ଆ ସ ! ମୁଁ ଆପଣଙ୍କୁ ଦେଖିଲି ଯେ ଆପଣ କିଛି ଜିନିଷକୁ ନିଜଠାରୁ ଦୂରେଇଦେଉଥିଲେ, ଯେବେକି ଆପଣଙ୍କ ନିକଟରେ କିଛି ଜିନିଷ ଥିବାର ମୋତେ ଦେଖାଯାଉନଥିଲା । ହଜୁର ସ ଆ ସ ମୋ ଆଡକୁ ଚାହିଁ କହିଲେ ତାହା ବାସ୍ତବିକ ସଂସାର ଥିଲା,ଯାହା ନିଜର ସମସ୍ତ ସୋନ୍ଦର୍ଯ୍ୟ ଓ ଅନୁଗ୍ରହ ସହିତ ମୋ ସମ୍ମୁଖକୁ ଆସିଥିଲା । ମୁଁ ତାକୁ କହିଲି ଯେ ମୋଠାରୁ ଦୂରେଇ ରୁହ । ଏହା ଗୋଟିଏ କଶଫି ଅବସ୍ଥା ଥିଲା (ଅର୍ଥାତ ଗୋଟିଏ ଦୃଶ୍ୟ ଥିଲା) । ଅତେବ ସେ ଏହା କହି ଦୂରେଇ ଚାଲିଗଲା ଯେ ଯଦି ମହାଭାଗ ସ ଅ ସ ମୋଠାରୁ ମୁକ୍ତ ହୋଇଗଲେ ତ କ'ଣ ହେଲା । ଯେଉଁ ଲୋକମାନେ ମହାଭାଗ ସ ଅ ସଙ୍କ ପରେ ଆସିବେ ସେମାନେ ମୋଠାରୁ କେବେ ବି ବର୍ତୀ ପାରିବେ ନାହିଁ । ହଜରତ ଅବୁ ବକର ର ଅ ଚିନ୍ତାରେ ମଗ୍ନ ହୋଇ ମୁଣ୍ଡ ହଲାଇଲେ ଏବଂ ଦୁଃଖଭରା କଣ୍ଠରେ କହିଲେ ଯେ ହେ ଲୋକମାନେ ! ମୋତେ ବି ଏହି ମହୁ ମିଶ୍ରିତ ପାଣି ଯୋଗୁଁ ଭୟ ଲାଗିଲା ଯେ କାଳେ ଏହି ଦୁନିଆ ମୋତେ ଘେରି ନଯାଉ । ତେଣୁ ମୁଁ ଭୋ ଭୋ ହୋଇ କାନ୍ଦିଲି । ***(ହଜରତ ଅବୁ ବକର ସିଦ୍ଦିକ ର ଅ କେ ୧୦୦ କିସ୍‌ସେ,ପୃ-୬୮-୭୦,ବୟତୁଲ ଉଲୁମ ଲାହୋର) (ହୁଲିୟତୁଲ ଅଓଲିୟା ୱ ତବକାତୁଲ ଅସଫିୟା, ଜିକର ସାହାବାଃ ମିନଲ ମୁହାଜିରିନ, ଅବୁ ବକର ସିଦ୍ଦିକ ର ଅ ,ଖ-୦୧,ପୃ-୩୦,୩୧, ମକତବତୁଲ ଇମାନ ଅଲମନସୁର ୨୦୦୭)*** ଅଲ୍ଲାଃତାଲାଙ୍କୁ ଏତେ ଭୟ କରୁଥିଲେ ।

ଇରାକ ବିଜୟ ହେବା ପରେ ଗୋଟିଏ ମୂଲ୍ୟବାନ ଚାଦର ମିଳିଥିଲା । ହଜରତ ଖାଲିଦ ର ଅ ସେନାର ପରାମର୍ଶରେ ସେହି ଚାଦରଟିକୁ ହଜରତ ଅବୁ ବକର ର ଅଙ୍କ ନିକଟକୁ ଉପହାର ସଦୃଶ ପ୍ରେରଣ କରିଦେଲେ,ଏବଂ ଲେଖି ନିବେଦନ କଲେ ଯେ ଏହାକୁ ଆପଣ ନିଜେ ରଖିନେବେ । ଏହା ଆପଣଙ୍କ ପାଇଁ ପ୍ରେରଣ କରାଯାଉଅଛି । କିନ୍ତୁ ହଜରତ ଅବୁ ବକର ର ଅ ତାହାକୁ ଗ୍ରହଣ କରିବା ପସନ୍ଦ କଲେନାହିଁ କି ନିଜ ସମ୍ପର୍କୀୟମାନଙ୍କୁ ବି ଦେଲେ ନାହିଁ । ବରଂ ତାହାକୁ ହଜରତ ଇମାମ ହୁସେନ ର ଅଙ୍କୁ ପ୍ରଦାନ କରିଦେଲେ । ***(ସୟଦନା ସଦ୍ଦିକ ଅକବର ର ଅ କେ ଶବ ୱ ରୋଜ, ପୃ-୧୦୭,ମକତବାଃ ଅଲହରମୈନ ଲାହୋର ୧୪୩୭ ହିଜରୀ)***

ବାକି ବିଷୟ ଆସନ୍ତାକୁ ବର୍ଣ୍ଣନା କରାଯିବ ଇନଶାଅଲ୍ଲାଃ । ବର୍ତମାନ ମୁଁ ଦୁଇଜଣ ମରହୁମୀନ (ମୃତକ) ଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଯାଉଛି । ପରେ ମୁଁ ସେମାନଙ୍କର ଜନାଯାଃ ଗାଏବ ମଧ୍ୟ ପଢାଇବି ଇନଶାଅଲ୍ଲାଃ

ପ୍ରଥମ ଜଣକ ହେଉଛନ୍ତି ଶ୍ରୀମାନ ସମିଉଲ୍ଲାଃ ସିୟାଲ ସାହେବ । ସେ ତହରିକ ଏ ଜଦିଦରେ ୱକିଲୁଲ ଜରାଅତ ଥିଲେ । ଅଣାନବେ (୮୯) ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଯାଇଛି ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ*** ଅଲ୍ଲାଃଙ୍କ କୃପାରୁ ସେ ମୁସି ଥିଲେ । ସମିଉଲ୍ଲାଃ ସିୟାଲ ସାହେବଙ୍କ ପରିବାରରେ ତାଙ୍କ ବାପା ରହମତୁଲ୍ଲାଃ ସିୟାଲ ସାହେବଙ୍କ ଜରିଆରେ ଅହେମଦୀୟତ ଆସିଥିଲା । ସେ ହଜରତ ଖଲିଫତୁଲ ମସିହ ଦ୍ୱିତୀୟ ର ଅଙ୍କ ସମୟରେ ୧୯୩୮ ମସିହାରେ ବୟତ କରିଥିଲେ । ସେତେବେଳେ ସମିଉଲ୍ଲାଃ ସିୟାଲ ସାହେବ ଙ୍କ ବୟସ କେବଳ ଚାରି ବର୍ଷ ହୋଇଥିଲା । ଯେବେ ବୟତ ବିଷୟରେ ତାଙ୍କ ମାଆ ଜାଣିଲେ,ସେ ତାଙ୍କ ସ୍ୱାମୀଙ୍କୁ ଛାଡ଼ିଦେଲେ ଏବଂ ତାଙ୍କୁ ସାଥିରେ ଧରି ଚାଲିଗଲେ । ଯେବେ ଏହି ଘଟଣା ହଜରତ ଖଲିଫତୁଲ ମସିହ ଦ୍ୱିତୀୟ ର ଅଙ୍କ ନିକଟରେ ଉପସ୍ଥାପନ କରାଗଲା,ହଜୁର ର ଅ ତାଙ୍କ ବାପାଙ୍କୁ କହିଲେ ଯେ ଆପଣ ମୋକଦ୍ଦମା କରନ୍ତୁ ଏବଂ ପିଲାକୁ ଫେରାଇ ଆଣନ୍ତୁ । ଅତେବ ମୋକଦ୍ଦମା କରି ସେ ତାଙ୍କ ପିଲାକୁ ଫେରାଇ ନେଇଗଲେ । ଏହିପରି ଭାବରେ ସେ (ଅର୍ଥାତ ସମିଉଲ୍ଲାଃ ସାହେବ) ନିଜ ବାପାଙ୍କ ତତ୍ୱାବଧାନରେ ରହିଲେ ଏବଂ ତାଙ୍କ ବାପା ତାଙ୍କର ଲାଳନପାଳନ କରିଛନ୍ତି ।

ସମିଉଲ୍ଲାଃ ସାହେବ ସିୟାଲ ସାହେବଙ୍କ ବାପା ଦଙ୍ଗା ସମୟରେ ପୂର୍ବ ପଞ୍ଜାବରେ ଶହୀଦ ହୋଇଯାଇଥିଲେ । ତାପରେ ତାଙ୍କର ସମସ୍ତ ଗୈାର ଅହେମଦୀ (ଅର୍ଥାତ ଅଣ ଅହେମଦୀ) ସମ୍ପର୍କୀୟମାନେ ତାଙ୍କୁ ଫେରାଇ ଆଣିବା ପାଇଁ ଚେଷ୍ଟା କଲେ । ଜମାତରୁ ଦୂରେଇଦେବା ପାଇଁ ଚେଷ୍ଟା କଲେ କିନ୍ତୁ ସେ ଅହେମଦୀୟତକୁ ଛାଡ଼ିଲେ ନାହିଁ । ୧୯୪୯ ମସିହାରେ ତାଲିମୁଲ ଇସଲାମ ହାଇ ସ୍କୁଲରୁ ମେଟ୍ରିକ ପାସ କରିଥିଲେ । ୧୯୫୪ ମସିହାରେ ତାଲିମୁଲ ଇସଲାମ କଲେଜରୁ ବି ଏ ପାସ କଲେ । ପୁଣି ୧୯୫୬ ମସିହାରେ ଗଭର୍ଣ୍ଣର କାଲେଜ ଲାହୋରରୁ ପରିସଂଖ୍ୟାନରେ ଏମ ଏ କରିଥିଲେ । ତାଙ୍କର ଦୁଇଜଣ ପୁତ୍ର ଅଛନ୍ତି । ଜଣେ କାନାଡ଼ାରେ ଡ଼ାକ୍ତର ଅଛନ୍ତି ଓ ଆଉ ଜଣେ ଇଫତେଖାରୁଲ୍ଲାଃ ସିୟାଲ ସାହେବ ତହରିକ ଏ ଜଦିଦ ରବୁଓ୍ୱାରେ ୱାକିଫେ ଜିନ୍ଦେଗୀ ଅଛନ୍ତି (ଅର୍ଥାତ ଜୀବନକୁ ଧର୍ମସେବା ପାଇଁ ଉତ୍ସର୍ଗ କରିଛନ୍ତି) । ୧୯୪୯ ମସିହାରେ ସିୟାଲ ସାହେବ ନିଜକୁ ୱକଫ କରିଥିଲେ । ଅନ୍ୟାନ୍ୟ ୱାକିଫେ ଜିନ୍ଦେଗୀଙ୍କ ସହିତ ତାଙ୍କର ପରୀକ୍ଷା ହେଲା । ଇଂଟରଭ୍ୟୁ ହେଲା । ହଜରତ ମୁସଲେହ ମଉଦ ର ଅ ନିଜେ ସେହି ପରୀକ୍ଷାପତ୍ରକୁ ପ୍ରସ୍ତୁତ କରିଥିଲେ। ପୁଣି ପରେ ହଜରତ ମୁସଲେହ ମଉଦ ର ଅଙ୍କ ଆଦେଶ ଅନୁସାରେ ସେ ଆଗକୁ ପଢିବା ପାଇଁ ତାଲିମୁଲ ଇସଲାମ କଲେଜ ଲାହୋରରେ ନାମ ଲେଖାଇଲେ । ସେଠାରୁ ସେ ପ୍ରଥମେ ବି ଏସ ସି ଏବଂ ପରେ ଏମ ଏସ ସି ସ୍ଟାଟିସ୍ଟିକ୍ସ (Statistics)ରେ ଡ଼ିଗ୍ରୀ ହାସଲ କଲେ । ୧୯୫୩ ମସିହାରେ ସେ ତାଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପାଇଲେ । ତାପରେ ପୁଣି ବିଭିନ୍ନ କାର୍ଯ୍ୟାଳୟରେ ସେ କାର୍ଯ୍ୟ କରିଛନ୍ତି । ୧୯୬୦ ମସିହାରୁ ୧୯୬୩ ମସିହା ପର୍ଯ୍ୟନ୍ତ ସିରିଆଲିଓନ ଦେଶରେ ସେବାକାର୍ଯ୍ୟ କରିବାର ସୌଭାଗ୍ୟ ପାଇଛନ୍ତି । ୧୯୮୩ ମସିହାରେ ହଜରତ ଖଲିଫତୁଲ ମସିହ ଚତୁର୍ଥ ରହେମହୁଲ୍ଲାଃ ତାଲା ତାଙ୍କୁ ୱକିଲୁଲ ଜରାଅତ ଔର ସନଅତ ୱ ତିଜାରତ ଭାବରେ ନିଯୁକ୍ତ କଲେ । ୧୯୮୮ ମସିହାରୁ ୧୯୯୯ ମସିହା ପର୍ଯ୍ୟନ୍ତ ୱକିଲୁଲ ଦିୱାନ ଭାବରେ ଏବଂ ୧୯୯୯ ମସିହାରୁ ୨୦୧୨ ମସିହା ପର୍ଯ୍ୟନ୍ତ ୱକିଲୁଲ ଜରାଅତ ଔର ସନଅତ ୱ ତିଜାରତ ଭାବରେ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ପୁଣି ୨୦୧୨ ମସିହାରୁ ଦେହାନ୍ତ ପର୍ଯ୍ୟନ୍ତ ୱକିଲୁଲ ଜରାଅତ ଭାବରେ କାର୍ଯ୍ୟରତ ଥିଲେ । ତାଙ୍କର ସେବାକାର୍ଯ୍ୟର ଅବଧି ଦୀର୍ଘ ୬୯ ବର୍ଷରେ ଅନ୍ତର୍ଭୁକ୍ତ ଥିଲା । ଏତତବ୍ୟତୀତ ମଧ୍ୟ ସେ ଅଞ୍ଜୁମନର ତଥା ତହରିକ ଏ ଜଦିଦର ଅନେକ କମିଟିମାନଙ୍କର ସଦସ୍ୟ ବି ଥିଲେ । କେତେକ ରେଜିଷ୍ଟ୍ରେଡ୍ କମ୍ପାନୀର ଡାଇରେକ୍ଟର ବି ଥିଲେ । ସେହିପରି ସେ ଖୁଦାମୁଲ ଅହେମଦୀୟାରେ ମଧ୍ୟ ମୋହତମୀମ ଭାବରେ ବହୁ ଦିନ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ କାର୍ଯ୍ୟ କରିବାର ସୌଭାଗ୍ୟ ପାଇଛନ୍ତି ।

ତାଙ୍କ ପତ୍ନୀ ଅମତୁଲ ହଫିଜ ସିୟାଲ ସାହିବାଃ କୁହନ୍ତି ଯେ ମୁଁ ଆମର ୬୪ ବର୍ଷର ବୈବାହିକ ଜୀବନରେ ସର୍ବଦା ଏହା ଦେଖିଆସିଛିସେ ଜଣେ ବହୁତ ପୁଣ୍ୟବାନ, ଦୟାଳୁ, ଈଶ୍ୱରଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା କରୁଥିବା ଏବଂ ବହୁତ ସ୍ନେହୀ ଓ ଭଲପାଉଥିବା ବ୍ୟକ୍ତି ଥିଲେ । ପ୍ରତ୍ୟେକ କାର୍ଯ୍ୟରେ ନିଜ ଅପେକ୍ଷା ଅନ୍ୟକୁ ଅଗ୍ରାଧିକାର ଦେଉଥିଲେ । ଖଲିଫାଙ୍କ ଆଦେଶାବଳୀଗୁଡ଼ିକୁ ପ୍ରତ୍ୟେକ ଜିନିଷ ଉପରେ ଅଗ୍ରାଧିକାର ଦେଉଥିଲେ । ପୁଣି ସେ କୁହନ୍ତି ଯେ ଯେବେ ମୋର ବିବାହ ହେଲା,ସେ ଆରମ୍ଭରୁ ହିଁ ମୋତେ ଏକଥା ବୁଝାଇଦେଇଥିଲେ ଯେ ମୁଁ ହେଉଛି ଜଣେ ୱାକିଫେ ଜିନ୍ଦେଗୀ,ଏବଂ ଜଣେ ୱାକିଫେ ଜିନ୍ଦେଗୀଙ୍କ ପତ୍ନୀ ମଧ୍ୟ ୱାକିଫେ ଜିନ୍ଦେଗୀ ହୋଇଥାଏ । ପୁଣି ସେ କୁହନ୍ତି ଯେ ସେ ଗରୀବମାନଙ୍କ ପ୍ରତି ଅତ୍ୟନ୍ତ ସହାନୁଭୂତିଶୀଳ ଥିଲେ । ଆମ ଘରେ ଆତିଥ୍ୟପରାୟଣତା ବହୁତ ହେଉଥିଲା ।

ତାଙ୍କ ପୁତ୍ର ଇଫତେଖାରୁଲ୍ଲାଃ ସିୟାଲ ସାହେବ କୁହନ୍ତି ଯେ ଜମାଅତ ସହିତ ତାଙ୍କର ଭକ୍ତିଭାବ ଏବଂ ଜମାତକୁ ଭଲପାଇବା ପିଲାଦିନୁ ବହୁ ମାତ୍ରାରେ ଥିଲା । ୧୯୪୭ ମସିହାର ଦଙ୍ଗାରେ ଯେବେ ତାଙ୍କ ବାପା ଶହୀଦ ହେଲେ,ସେ ସମ୍ପୂର୍ଣ୍ଣ ଏକା ହୋଇଗଲେ । ଯେମିତି କି ଏହା ବର୍ଣ୍ଣନା ହୋଇସାରିଛି ଯେ ତାଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରୁ କେବଳ ତାଙ୍କ ବାପା ଅହେମଦୀ ଥିଲେ ଓ ତାଙ୍କ ମାଆ ମଧ୍ୟ ତାଙ୍କୁ ଛାଡ଼ି ଚାଲିଯାଇଥିଲେ । ତାଙ୍କ ସମ୍ପର୍କୀୟମାନେ ତାଙ୍କୁ କହିଲେ ଯେ ତୁମେ ଅହେମଦୀୟତକୁ ଛାଡ଼ି ଦିଅ ଆମେ ତୁମର ସବୁ ସାଂସାରିକ ଖର୍ଚ୍ଚ ଏବଂ ଶିକ୍ଷାଖର୍ଚ୍ଚକୁ ବହନ କରିବୁ କିନ୍ତୁ ତାଙ୍କର ଅହେମଦୀୟତ ସହିତ ଥିବା ଭଲପାଇବା ଏବଂ ଅହେମଦୀୟତର ସତ୍ୟତା ଉପରେ ଥିବା ବିଶ୍ୱାସ ଯୋଗୁଁ ସେ ଉତର ଦେଇଦେଲେ ଓ ସେମାନଙ୍କୁ କହିଲେ ଯେ ଯଦି ମୁଁ ଭୋକିଲା ରହି ମରି ବି ଯାଏ,ତେବେ ବି ମୁଁ ଅହେମଦୀୟତକୁ ଛାଡ଼ିବି ନାହିଁ । ସେ ସର୍ବଦା ତାଙ୍କର ଏହି ବିଶ୍ୱାସ ଉପରେ ପ୍ରତିଷ୍ଠିତ ରହିଲେ। ତାଙ୍କର ଭିଷଣ ଇଚ୍ଛା ଥିଲା ଯେ ୱକଫର ଏହି ଧାରା ଆଗକୁ ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ବି ଜାରି ରହୁ । ସେ କୁହନ୍ତି ଯେ ଯେବେ ମୁଁ ୱକଫ୍ କଲି,ମୋ ବାପା ବହୁତ ଖୁସି ହୋଇଗଲେ । ସେ ଏଠାକୁ ଲଣ୍ଡନ ଆସିଥିଲେ ଏବଂ ହଜରତ ଖଲିଫତୁଲ ମସିହ ଚତୁର୍ଥଙ୍କୁ ନିଜେ ଏକଥା ବତାଇଥିଲେ । ହଜରତ ଖଲିଫତୁଲ ମସିହ ଚତୁର୍ଥ ଏଥିରେ ବହୁତ ଖୁସି ବ୍ୟକ୍ତ କରିଥିଲେ ଯେ ଅସଲ ୱକଫ ହେଉଛି ଏହା କି ଏହି ଧାରା ଆଗକୁ ନିଜ ସନ୍ତାନମାନଙ୍କ ମଧ୍ୟରେ ଜାରି ରହୁ । ଯେବେ କୌଣସି ପ୍ରକାରର ଧାର୍ମୀକ ତଥା ସାଂସାରିକ ଅସୁବିଧାର ସମ୍ମୁଖୀନ ହେଉଥିଲେ,ସେତେବେଳେ ସେ ଅଲ୍ଲାଃଙ୍କ ସମ୍ମୁଖରେ ନଇଁଯାଉଥିଲେ ଏବଂ ସେହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ବହୁତ ଆକୁଳ ପ୍ରାର୍ଥନା କରୁଥିଲେ ।

ପୁଣି ତାଙ୍କ ପୁତ୍ର ଲେଖିଛନ୍ତି ଯେ : ମୁଁ ତାଙ୍କୁ ସାରା ଜୀବନ ଗୋଟିଏ ବି ତହଜ୍ଜୁଦ୍ ନମାଜ ଛାଡିବାର ଦେଖିନାହିଁ । ସେ ସର୍ବଦା ଗରୀବମାନଙ୍କର ଯଥା ସମ୍ଭବ ସାହାଯ୍ୟ କରୁଥିଲେ । ପୁଣି ସେ କୁହନ୍ତି ଯେ ତାଙ୍କ ଦେହାନ୍ତ ପରେ ବହୁତ ଲୋକେ ମତେ ଆସି ବିଶେଷ ଭାବରେ କହିଲେ ଯେ ଆମକୁ ଯେବେ କୌଣସି ପ୍ରକାରର ଅର୍ଥର ଆବଶ୍ୟକତା ପଡୁଥିଲା ଆମେ ସଙ୍ଗେ ସଙ୍ଗେ ସିୟାଲ ସାହେବଙ୍କ ନିକଟକୁ ଯାଉଥିଲୁଁ,ସେ ସର୍ବଦା ଆମକୁ ସାହାଯ୍ୟ କରୁଥିଲେ । ବେଳେବେଳେ ଯଦି ଘରେ କୌଣସି ସମସ୍ୟା ଓ ଅସୁବିଧା ହୋଇଯାଉଥିଲା,ଏବଂ ସେତେବେଳେ ଜମାତର ସେବାକାର୍ଯ୍ୟ କରିବାର କୌଣସି ଅବସର ଆସୁଥିଲା,ସେତେବେଳେ ସେ ଜମାତର ସେବାକାର୍ଯ୍ୟ କରିବାକୁ ବାହାରି ପଡୁଥିଲେ ଏବଂ ନିଜ ଘରର ସମସ୍ୟାକୁ ଅଲ୍ଲାଃତାଲାଙ୍କ ନିକଟରେ ନ୍ୟସ୍ତ କରିଦେଉଥିଲେ । ତାଙ୍କ ପୁଅ କୁହନ୍ତି ଯେ ସର୍ବଦା ସେ ମତେ ଜମାତକୁ ଭଲ ପାଇବା ପାଇଁ ଏବଂ ଖିଲାଫତ ସହିତ ବିଶ୍ୱସ୍ତ ରହିବା ପାଇଁ ଶିକ୍ଷା

ଦେଉଥିଲେ,ଏବଂ ଖଲିଫାଙ୍କ ମୁହଁରୁ ବାହାରୁଥିବା ପ୍ରତ୍ୟେକ ଶବ୍ଦ ଉପରେ ତାଙ୍କର ଅଗାଢ ବିଶ୍ୱାସ ଥିଲା । ଏ ପ୍ରସଙ୍ଗରେ ସେ ବର୍ଣ୍ଣନା କରୁଛନ୍ତି ଯେ ଯେବେ ପ୍ରାରମ୍ଭରେ ସେ ୱକଫ ସମ୍ବନ୍ଧରେ ହଜରତ ଖଲିଫତୁଲ ମସିହ ସାନି (ଦ୍ୱିତୀୟ)ଙ୍କ ସେବାରେ ଉପସ୍ଥିତ ହେଲେ,ସେ ସମୟରେ ମଧ୍ୟ ଚର୍ଚ୍ଚିଲ ଅଶୀବର୍ଷ ବୟସରେ ପୁନର୍ବାର ପ୍ରଧାନ ମନ୍ତ୍ରୀ ହୋଇଥିଲେ । ସୁତରାଂ ହଜରତ ଖଲିଫତୁଲ ମସିହ ସାନି (ଦ୍ୱିତୀୟ) ତାଙ୍କୁ କହିଥିଲେ ଯେ ଯଦି ଚର୍ଚ୍ଚିଲ ଅଶୀବର୍ଷ ବୟସରେ ପ୍ରଧାନ ମନ୍ତ୍ରୀ ହୋଇପାରୁଛନ୍ତି ତାହେଲେ ତୁମେ ଜମାତର ସେବା ସେତିକି ବର୍ଷ ପର୍ଯ୍ୟନ୍ତ କାହିଁକି କରିପାରିବ ନାହିଁ । ଏଥିରେ ସେ କୁହନ୍ତି ଯେ ମୁଁ ସେତେବେଳେ ବି ଏ ନିଷ୍କର୍ଷ ବାହାର କରିଥିଲି ଯେ ଆମେ ଏହି ଗୋଷ୍ଠିରେ ଯେତେ ଜଣ ୱାକିଫେ ଜିନ୍ଦେଗୀ ସଦସ୍ୟ ସାମିଲ ଅଛୁ,ଅତି କମରେ ଆମ ସମସ୍ତଙ୍କର ବୟସ ଅଶୀ ବର୍ଷ ନିଶ୍ଚିତ ହେବ ଏବଂ ଅଲ୍ଲାଃତାଲା ଅଶୀ ବର୍ଷ ପର୍ଯ୍ୟନ୍ତ ସେବା କରିବାର ସୌଭାଗ୍ୟ ପ୍ରଦାନ କରିବେ । ଅତେବ ଦେଖନ୍ତୁ ଚୌଧୁରୀ ହମିଦୁଲ୍ଲାଃ ସାହେବ ଏବଂ ମୁସଲେହୁଦ୍ଦୀନ ସାହେବ ତାଙ୍କର ସାଥି ଥିଲେ । ସମସ୍ତେ ଅଶୀବର୍ଷରୁ ଅଧିକା ବର୍ଷ ବଂଚିଥିଲେ ।

ତାଙ୍କ ବୋହୁ କୁହନ୍ତି ଯେ ମୁଁ ଯେବେ ଛୋଟ ବୟସର ଥିଲି ମୋ ବାପାଙ୍କର ଦେହାନ୍ତ ହୋଇଗଲା । ମୋ ଶଶୂରଙ୍କଠାରୁ ମୁଁ ମୋ ବାପାଙ୍କର ସ୍ନେହ ପାଇଛି । ମୋ ବୈବାହିକ ଜୀବନକୁ ୨୨ ବର୍ଷ ବିତି ଗଲାଣି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ମୁଁ ତାଙ୍କଠାରୁ ସର୍ବଦା ସ୍ନେହ ପାଇଆସୁଥିଲି ଏବଂ ବାପାଙ୍କ ପ୍ରେମ ପାଇ ଆସୁଥିଲି । ସେ ଅହେମଦୀୟତର ସଚ୍ଚା ପ୍ରେମୀ, ଖିଲାଫତକୁ ବହୁତ ଭଲପାଉଥିବା ବ୍ୟକ୍ତି, ଗରୀବ ଲୋକମାନଙ୍କ ସହିତ ସହାନୁଭୂତିଶୀଳ, ଆତିଥ୍ୟପରାୟଣତା ଏବଂ ସଚ୍ଚା ମଣିଷ ଥିଲେ। ସେ ସବୁ ସମୟରେ ଅଲ୍ଲାଃତାଲାଙ୍କ ଜିକର (ଅର୍ଥାତ ସ୍ମରଣ) କରୁଥିଲେ । ଛୋଟ ଛୋଟ କଥାରେ କୃତଜ୍ଞତା ଜ୍ଞାପନ କରୁଥିଲେ । ସେ ମୋ ପିଲାମାନଙ୍କର ତରବିୟତ (ଅର୍ଥାତ ପ୍ରଶିକ୍ଷଣ) ରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ସେମାନଙ୍କୁ ପବିତ୍ର କୁରଆନର ଅନୁବାଦ ଶିଖାଇବା ଏବଂ ହଜରତ ମସିହ ମଉଦ ଆ ସ ଙ୍କ ପୁସ୍ତକ ପଢିବା ପ୍ରତି ଧ୍ୟାନ ଆକର୍ଷଣ କରାଉଥିଲେ ଏବଂ ପରେ ତାହାର ପରୀକ୍ଷା ମଧ୍ୟ କରୁଥିଲେ । ପୁଣି ସେ କୁହନ୍ତି ଯେ, ଯେତେବେଳେ ବି ପିଲାମାନେ ଦାଦାଜାନଙ୍କ ନିକଟରେ ବସୁଥିଲେ,ସେତେବେଳେ ସେ ଜମାତର ଇତିହାସ, ଖଲିଫାମାନଙ୍କର ସ୍ନେହ ତଥା ପ୍ରେମପୂର୍ଣ୍ଣ ଘଟଣାବଳୀକୁ ବର୍ଣ୍ଣନା କରୁଥରଲେ । ଛୋଟରୁ ଛୋଟ ପିଲା ବି ଯଦି ଘରକୁ ଆସିଯାଏ,ତାକୁ ବି ବିନା ଆତିଥ୍ୟତାରେ ଘରୁ ବିଦା କରୁନଥିଲେ ।

ବାସିଲ ସାହେବ ନାଏବ ୱକିଲୁଲ ଜରାଅତ ଲେଖିଛନ୍ତି ଯେ ସମିଉଲ୍ଲାଃ ସିୟାଲ ସାହେବ ଅତ୍ୟନ୍ତ ସହାନୁଭୁତିଶୀଳ ବ୍ୟକ୍ତି ଥିଲେ । ଖିଲାଫତ ସହିତ ନିଷ୍ଠାପୂର୍ଣ୍ଣ ପ୍ରେମଭାବ ଥିଲା । ସେ ନିଜ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ମଧ୍ୟ ଆର୍ଥିକ ସାହାଯ୍ୟ କରୁଥିଲେ ଓ ସର୍ବଦା ଖଲିଫାଙ୍କ ସହିତ ସମ୍ପର୍କରେ ରହିବାକୁ ପରାମର୍ଶ ଦେଉଥିଲେ । ପୁଣି ସେ କୁହନ୍ତି ସେ ସର୍ବଦା ଏହି ଶିକ୍ଷା ଦେଉଥିଲେ ଯେ ଜମାତର ଗୋଟିଏ ଗୋଟିଏ ପଇସାକୁ ସୁରକ୍ଷିର ରଖିବା ଉଚିତ । ଯେମିତି ହଜରତ ମସିହ ମଉଦ ଆ ସ କହିଛନ୍ତି ଯେ ଏ ଚିନ୍ତା କରନାହିଁ ଯେ ପଇସା କେଉଁଠାରୁ ଆସିବ ବୋଲି ବରଂ ଅସଲ ଚିନ୍ତା ଏହା ହେବା ଉଚିତ ଯେ ପଇସାକୁ ସମ୍ଭାଳିବା ଲୋକେ କେଉଁଠାରୁ ଆସିବେ । ଏପରି ଲୋକ ମିଳିବା ଉଚିତ ।*(ଉଦ୍ଧୃତାଂଶ ଅଲୱସିୟତ, ରୁହାନୀ ଖଜାଇନ, ଖ-୨୦, ପୃ-୩୧୯)*

ପୁଣି ସେ ଲେଖିଛନ୍ତି ଯେ ଯେବେ ବି କୌଣସି ୱାକିଫେ ଜିନ୍ଦେଗୀ ବା କର୍ମୀ ବା କୌଣସି ଅହେମଦୀ ତାଙ୍କ ସହିତ ସାକ୍ଷାତ କରିବାକୁ ଆସୁଥିଲେ,ସେ ତାଙ୍କୁ କହୁଥିଲେ ଯେ ଜମାଅତର ସେବାକାର୍ଯ୍ୟରେ ବହୁତ ବରକତ (କଲ୍ୟାଣ)ରହିଛି ଏବଂ ଅଲ୍ଲାଃତାଲା ସ୍ୱୟଂ ସେମାନଙ୍କର ଆବଶ୍ୟକତାକୁ ପୂରଣ କରିଚାଲିଥାନ୍ତି । ସେ ନିଜର ଉଦାହରଣ ଦେଇଥାନ୍ତି ଯେ ମୁଁ କିଛି ବି ନଥିଲି । ଅଲ୍ଲାଃତାଲା ମୋତେ ଅଗଣତି ଦେଇଛନ୍ତି ଓ ଏହା କେବଳ ୱକଫ କରିବାର ବରକତ ।

ନସରୀନ ହୟୀ ସାହିବାଃ କୁହନ୍ତି ଯେ ସେ ଆମ ଖାନଦାନ (ବଂଶ)ର ପ୍ରମୁଖ ବ୍ୟକ୍ତିମାନଙ୍କ ମଧ୍ୟରୁ ଥିଲେ । ମୋ ମାଆ ଏବଂ ମୋ ବାପା ସର୍ବଦା ତାଙ୍କର ସମ୍ମାନ କରୁଥିଲେ । ତାଙ୍କର କୌଣସି ଝିଅ ନଥିଲେ । ମୁଁ ଯେବେ ସାତ ଆଠ ବର୍ଷର ଥିଲି,ସେ ଏବଂ ମୋ ଫୁଫୁ (ଅର୍ଥାତ ମୋ ପିଉସୀ)ମାନେ ମୋତେ Adopt କରିଥିଲେ । ତାପରେ ମୁଁ ମୋ ବିବାହ ପର୍ଯ୍ୟନ୍ତ ତାଙ୍କ ପାଖରେ ରହିଲି । ଦୁହେଁ ମୋତେ ସର୍ବଦା ନିଜ ଝିଅ ପରି ବ୍ୟବହାର କରିଆସୁଥିଲେ ଏବଂ ପିଲାଦିନୁ ମୋର ପ୍ରତ୍ୟେକ ପ୍ରକାରର ଇଚ୍ଛାର ଧ୍ୟାନ ରଖୁଥିଲେ ମୋତେ ଉତମ ଶିକ୍ଷା ଆହାରଣ କରାଇଲେ ଏବଂ ମୋ ବିବାହ ମୁରବୀ ସିଲସିଲାଙ୍କ ସହିତ କରାଇଲେ ।

ମହେମୁଦ ତାହେର ସାହେବ ସେକ୍ରେଟାରୀ ଫଜଲ ଉମର ଫାଉଣ୍ଡେଶନ କୁହନ୍ତି ଯେ ସେ ଥରେ ମୋତେ ବତାଇଥିଲେ ଯେ ଯେବେ ମୁଁ ବି ଏ ପାସ କରି ପ୍ରାରମ୍ଭିକ ନିଯୁକ୍ତି ପାଇଲି ଓ ହଜରତ ମୁସଲେହ ମଉଦ ର ଅଙ୍କ ଆଦେଶ ମୁତାବକ ମୋତେ ଏମ ଏ କରିବା ପାଇଁ ପଠାଯାଉଥିଲା,ସେତେବେଳେ ଦଫତରର କେହି ଜଣେ ହଜରତ ମୁସଲେହ ମଉଦ ର ଅଙ୍କୁ ଏ ଆଶଂକା ପ୍ରତି ଧ୍ୟାନ କେନ୍ଦ୍ରିତ କରାଇଲେ ଯେ ଆଙ୍କୁ ଆପଣ ଏମ ଏ କରାଉଛନ୍ତି । ଇଏ ଏମ ଏ କରିକି କୁଆଡ଼େ ଚାଲି ନଯାଆନ୍ତୁ କି କୌଣସି ସାଂସାରିକ ଚାକିରି ନକରନ୍ତୁ । ଏଥିରେ ହଜରତ ମୁସଲେହ ମଉଦ ର ଅ କହିଲେ ଯେ ସିୟାଲ ବେୱଫା ନୁହନ୍ତି (ଅର୍ଥାତ ବିଶ୍ୱାସଘାତକତା କରନ୍ତି ନାହିଁ )।

ୱାକିଫେ ଜିନ୍ଦେଗୀ ଏବଂ ତହେରିକ ଏ ଜଦିଦର ନିଗରାନ ଶ୍ରୀମାନ ଇମରାନ ବାବର ସାହେବ କୁହନ୍ତି ଯେ ମୋତେ ପନ୍ଦର ବର୍ଷ ତାଙ୍କ ସହିତ କାମ କରିବାର ସୁଯୋଗ ମିଳିଛି। ସେ ଅତ୍ୟନ୍ତ ମଜବୁତ ଶରୀରଧାରୀ ବ୍ୟକ୍ତି ଥିଲେ । ଜମାତି କାମରେ ଯେବେ ବି କୌଣସି ସରକାରୀ ଅଫିସରଙ୍କ ସହିତ ସାକ୍ଷାତ କରିବା ପାଇଁ ବା କଥା ହେବା ପାଇଁ ଯାଉଥିଲେ,ସେ କେବେ ବି ଦ୍ୱିଧା ପ୍ରକାଶ କରୁନଥିଲେ । ଟ୍ରେନରେ ଯାତ୍ରା କରିବା ପାଇଁ ବି ସୁଯୋଗ ମିଳିଛି । ଯାତ୍ରା କରିବା ସମୟରେ ନିଶ୍ଚିତ ଭାବରେ ତବଲିଗ କରୁଥିଲେ ଏବଂ ଖୁବ ବଡ଼ ପାଟିରେ ତବଲିଗ କରୁଥିଲେ । କାରଣ ଆଖପାଖରେ ଥିବା ଲୋକମାନେ ବି ଶୁଣିପାରିବେ ।

ୱକିଲୁଲ ମାଲ ଅୱଲ ଶ୍ରୀମାନ ଲୁକମାନ ସାହେବ କୁହନ୍ତି ଯେ ସେ ଖିଲାଫତର ଆଦେଶକୁ ନିଜେ ପାଳନ କରୁଥିଲେ ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଉଥିଲେ । ଯେବେ ବି ତହରିକ ଏ ଜଦିଦ ର ଏଲାନ ହେଉଥିଲା ସେ ସର୍ବଦା ସଙ୍ଗେ ସଙ୍ଗେ ଆସି ନିଜର ଚାନ୍ଦା ପଇଠ କରି ଦେଉଥିଲେ । ୱାଦା (ଚାନ୍ଦା ପ୍ରତିଶୃତି) ଲେଖାଇ ଦେଉଥିଲେ ।

ତହରିକ ଏ ଜଦିଦର ଶେଖ ହାରିସ ସାହେବ କୁହନ୍ତି :ମୁଁ ଯେବେ ୱକଫ କଲି, ସେତେବେଳେ ସେ ମୋତେ ପ୍ରତି କ୍ଷେତ୍ରରେ ମାର୍ଗଦର୍ଶନ କରିଛନ୍ତି । ସେ ଅତ୍ୟନ୍ତ ସ୍ନେହପୂର୍ଣ୍ଣ ଏବଂ ଦୟାପୂର୍ଣ୍ଣ ବ୍ୟବହାର କରୁଥିଲେ । ସେ ଅତ୍ୟନ୍ତ ନିର୍ଭୀକ ଏବଂ ଦବଙ୍ଗ ୱାକିଫେ ଜିନ୍ଦେଗୀ ଥିଲେ । ସେ ସମ୍ପ୍ରଦାୟର ଧନସମ୍ପତିକୁ ସଂଚୟ କରିବାରେ ସମୃଦ୍ଧ ଥିଲେ । ପୁଣି ସେହି ହାରିସ ସାହେବ ଲେଖୁଛନ୍ତି ଯେ ୨୦୧୫ ମସିହାରେ ଚେୟାରମ୍ୟାନ ଅଫ ପାକିସ୍ତାନ ଇଂଜିନିୟରିଂ କାଉଂସିଲ ଇସଲାମବାଦ ଶ୍ରୀମାନ ଇଞ୍ଜିନିୟର ଜାୱେଦ ସହେବ ବିଶେଷ ଭାବରେ ରବୁୱା ଗସ୍ତରେ ଆସିଥିଲେ । ତାଙ୍କର ସାକ୍ଷାତ ଅନ୍ୟ ବୁଜୁର୍ଗ (ବୟୋଜ୍ୟେଷ୍ଠ) ଲୋକମାନଙ୍କ ବ୍ୟତୀତ ସିୟାଲ ସାହେବଙ୍କ ସହିତ ମଧ୍ୟ କରାଗଲା । ସେହି ସଂକ୍ଷିପ୍ତ ସାକ୍ଷାତକାରରେ ମଧ୍ୟ ସିୟାଲ ସାହେବ ତବଲିଗ କରିବାର ସୁଯୋଗକୁ ହାତଛଡା କଲେନାହିଁ ଏବଂ ତାଙ୍କୁ ବହୁତ ଭଲ ଭାବରେ ତବଲିଗ କଲେ । ଅଲ୍ଲାଃତାଲା ମରହୁମ (ମୃତକ) ଙ୍କ ସହିତ କ୍ଷମା ଆଚରଣ କରନ୍ତୁ । ତାଙ୍କର ଯେଉଁ ୱାକିଫେ ଜିନ୍ଦେଗୀ ପୁଅ ଅଛନ୍ତି,ତାଙ୍କୁ ମଧ୍ୟ ନିଜର ୱକଫକୁ ନିର୍ବାହ କରିବା ପାଇଁ ଶକ୍ତି ଏବଂ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଖିଲାଫତ ଏବଂ ଜମାତ ସହିତ ତାଙ୍କ ସନ୍ତାନମାନଙ୍କୁ ସଂଲଗ୍ନ ରଖନ୍ତୁ ଏବଂ ତାଙ୍କ ପରିବାରରବର୍ଗଙ୍କୁ ଶାନ୍ତି ଦିଅନ୍ତୁ ।

ପରବର୍ତୀ ମରହୁମ (ମୃତକ) ଜଣକ ହେଲେ ଶ୍ରୀମତୀ ସିଦ୍ଦିକା ବେଗମ ସାହିବାଃ ପତ୍ନୀ ଅଲୀ ଅହେମଦ ସାହେବ ମରହୁମ ମୁଅଲ୍ଲିମ ୱକଫେ ଜଦିଦ । ତାଙ୍କର ଦେହାନ୍ତ ବିଗତ ଦିନ ପଂଚାଅଶୀ ବର୍ଷ ବୟସରେ ହୋଇଯାଇଛି । ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ*** ତାଙ୍କ ପୁତ୍ର ହେଉଛନ୍ତି ଅବ୍ଦୁଲ ହାଦି ତାରିକ ସେହେବ ମୁରବୀ ସିଲସିଲା ଏବଂ ସେ ଜାମିଆ ଅହେମଦୀୟା ଘାନାରେ ଶିକ୍ଷକ ଅଛନ୍ତି । କାଦିଆନ ନିକଟସ୍ଥ ଫେରୋଚିଚିଠାରେ ତାଙ୍କର ଜନ୍ମ ହୋଇଥିଲା । ତାଙ୍କ ବାପା ଅବ୍ଦୁର ରହମାନ ସାହେବ ୧୯୪୪ ମସିହାରେ ଯୌବନ ସମୟରେ ହିଁ ମୃତ୍ୟୁ ବରଣ କରିଥିଲେ । ତେଣୁ ହଜରତ ମୁସଲେହ ମଉଦ ର ଅ ତାଙ୍କ ବେୱା ମାତା ନୱାବ ବିବି ସାହିବାଃ ଏବଂ ତାଙ୍କ ପିଲାମାନଙ୍କୁ ନିଜ ତତ୍ତ୍ୱାବଧାନରେ ନେଇଗଲେ । ସେମାନଙ୍କୁ କାଦିଆନ ଡକାଇନେଲେ । ହଜରତ ନୱାବ ଅମତୁଲ ହଫୀଜ ବେଗମ ସାହିବା ର ଅ ତାଙ୍କୁ ନିଜ ବଙ୍ଗଳାରେ ରଖିଲେ । ପୁଣି ମୁରବୀ ସାହେବ କୁହନ୍ତି ଯେ ମୋ ନାନୀ (ଆଈ) ହଜରତ ନୱାବ ଅମତୁଲ ହଫୀଜ ବେଗମ ସାହିବା ର ଅ ଙ୍କ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ଏହିପରି ପୁଣି ଭାରତ ବିଭାଜନ ପରେ ହଜରତ ମୁସଲେହ ମଉଦ ର ଅ ମୋ ନାନୀ (ଆଈ)ଙ୍କୁ ତାଙ୍କ ପିଲାଙ୍କ ସହିତ ସିନ୍ଧସ୍ଥିତ ନାସିରାବାଦ ଫାର୍ମକୁ ପଠାଇଦେଲେ, ଯେଉଁଠାରେ ସେମାନେ ବଢିଥିଲେ ।

ହଜରତ ମସିହ ମଉଦ ଆ ସଙ୍କ ସାହାବି ହଜରତ ମିଆଁ ଅଲ୍ଲାଃଦତାଃ ସାହେବ ର ଅଙ୍କର ସେ ବୋହୁ ଥିଲେ । ସେ ଜଣେ ୱାକିଫେ ଜିନ୍ଦେଗୀ ଙ୍କ ପତ୍ନୀ ଥିଲେ ଏବଂ ଜଣେ ୱାକିଫେ ଜିନ୍ଦେଗୀ ଙ୍କ ମାଆ ଥିଲେ । ସେ ତାଙ୍କ ୱାକିଫେ ଜିନ୍ଦେଗୀ ସ୍ୱାମୀଙ୍କ ସହିତ ଉତ୍ସର୍ଗୀକୃତ ଜୀବନ ଅତିବାହିତ କରିଛନ୍ତି । ପ୍ରତ୍ୟେକ ପ୍ରକାରର ପ୍ରତିକୂଳ ପରିସ୍ଥିତିରେ ନିଜ ସ୍ୱାମୀଙ୍କୁ ସାହାଯ୍ୟ ସମର୍ଥନ କରି ଜୀବନ କାଟିଛନ୍ତି । ସାରା ଜୀବନ କେବେ ବି କିଛି କାହାଠାରୁ ମାଗିନାହାନ୍ତି । ସେ ଅନେକ ସୁଗୁଣର ଅଧିକାରୀ ଥିଲେ । ସେଥି ମଧ୍ୟରେ ସ୍ୱତନ୍ତ୍ର ଭାବରେ ନମ୍ରତା, ଈଶ୍ୱର ଭୟ, ଦରୱେଶୀ, ଆତିଥ୍ୟପରାୟଣତା,ଭଦ୍ରତା, ସରଳତା, ସନ୍ତୁଷ୍ଟତା, ଅନ୍ୟର ଦୋଷ ଦୃବଳତାକୁ ଢାଙ୍କିବା, ଧୈର୍ଯ୍ୟ ଧରିବା ଏବଂ ଅପାର ସାହସ ଅନ୍ତର୍ଭୁକ୍ତ ଥିଲା । ସାରା ଜୀବନ କେବେ ବି କାହା ଉପରେ କୌଣସି ପ୍ରକାରର ଅଭିଯୋଗ କରିନାହାନ୍ତି । ସେହିପରି ସେ କେବେ ବି କାହାର ଖରାପ କଥାକୁ ଶୁଣନ୍ତି ନାହିଁ କି କାହାକୁ ଖରାପ କୁହନ୍ତି ନାହିଁ । ସର୍ବଦା ନିଜ ତଥା ପର ସମସ୍ତଙ୍କୁ ଭଲ ପାଉଥିଲେ ଓ ଆନ୍ତରିକତାର ସହିତ ବ୍ୟବହାର କରୁଥିଲେ । ପାଂଚବେଳା ନମାଜ ବ୍ୟତୀତ ନିୟମିତ ତହଜ୍ଜୁଦ ନମାଜ ପାଠ କରୁଥିଲେ । ସେହିପରି ପବିତ୍ର କୁରଆନର ତିଲାୱତ (ଆବୃତି) କରୁଥିଲେ । ନିଜର ଶେଷ ଦିନ ଗୁଡ଼ିକରେ ଯେବେ ସ୍ୱାସ୍ଥ୍ୟ ଖରାପ ଥିଲା ଏବଂ ସଠିକ ଭାବରେ ନମାଜ ପଢିପାରୁ ନଥିଲେ, ସେତେବେଳେ ସେ ଏହି ଦୁଆ କରୁଥିଲେ ଯେ ହେ ଅଲ୍ଲାଃ ! ମୋତେ ତୁମ୍ଭର ସଠିକ ଭାବରେ ଉପାସନା କରିବା ପାଇଁ ଯଥାଚିତ ସ୍ୱାସ୍ଥ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

ତାଙ୍କର ଦୁଇଜଣ ଝିଅ ଏବଂ ତିନିଜଣ ପୁଅ ଅଛନ୍ତି । ଯେମିତି କି ମୁଁ କହିସାରିଛି ଯେ ତାଙ୍କର ଜଣେ ପୁଅ ଅବ୍ଦୁଲ ହାଦି ତାରିକ ସାହେବ ଘାନାରେ ମୁରବୀ ସିଲସିଲା ଅଛନ୍ତି ଏବଂ ସେଠାରେ କର୍ମ କ୍ଷେତ୍ରରେ କାର୍ଯ୍ୟରତ ଥିବା ହେତୁ ନିଜ ମାଆଙ୍କ ଜନାଯାଃ (ଅନ୍ତିମ ସଂସ୍କାର)ରେ ଯୋଗ ଦେଇପାରିଲେ ନାହିଁ ।

ଅଲ୍ଲାଃତାଲା ଏ ସମସ୍ତଙ୍କୁ ଧୈର୍ଯ୍ୟ ଏବଂ ସାହସ ଦିଅନ୍ତୁ । ତାଙ୍କର ପୁଣ୍ୟକର୍ମକୁ ଜାରୁ ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ମରହୁମାଃ (ମୃତକ) ଙ୍କୁ କ୍ଷମା କରିବା ସହିତ ତାଙ୍କ ସହିତ ଦୟା ଆଚରଣ କରନ୍ତୁ । ତାଙ୍କ ପଦମର୍ଯ୍ୟାଦାରେ ଉନ୍ନତି କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

ଆଜି ଆମେ ଏଠାରେ ଜାଇଅନ (Zion) ମସଜିଦର ଉଦଘାଟନ କରିବା ପାଇଁ ଏକତ୍ରିତ ହୋଇଅଛେ । ଅଲ୍ଲାଃତାଲା ଜମାଅତ ଅହେମଦୀୟା ଆମେରିକାକୁ ଏଠାରେ ମସଜିଦ ନିର୍ମାଣ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତ ଏବଂ ସେହି ସହରରେ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି ଯେଉଁ ସହରଟି ଜମାଅତ ଅହେମଦୀୟାର ଇତିହାସରେ ଏକ ସ୍ୱତ୍ୱନ୍ତ୍ର ସ୍ଥାନ ରଖିଛି ।

ପୁଣି ଏହି ସହରରେ ଜମାତ ପ୍ରତିଷ୍ଠା ହେବା ଯୋଗୁଁ ପ୍ରତ୍ୟେକ ଅହେମଦୀ ଏଇଥିପାଇଁ ଅଲ୍ଲାଃଙ୍କ ନିକଟରେ କୃତଜ୍ଞ ହେବା ଉଚିତ ।

ଅତେବ ଆଁ ହଜରତ ସ ଅ ସ ଙ୍କର ଏହି ଆଦେଶ ରହିଛି ଯେ ଯେଉଁମାନେ ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କରୁନାହାନ୍ତି,ଲୋକମାନଙ୍କୁ ଧନ୍ୟବାଦ ଅର୍ପଣ କରୁନାହାନ୍ତି,ସେମାନେ ଅଲ୍ଲାଃତାଲା (ପରମେଶ୍ୱର)ଙ୍କ ନିକଟରେ ବି କୃତଜ୍ଞ ନୁହନ୍ତି ।

ଅତେବ ଏହି ଆଦେଶ ମୁତାବକ ଆମକୁ ଖୁଦା ତାଲାଙ୍କର,ସେହି ମହାନ ପରମେଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କରିବ ଉଚିତ,ଯିଏ ଆମକୁ ଏହି ମସଜିଦ ନିର୍ମାଣ କରିବା ପାଇଁ ସୁଯୋଗ ଏବଂ ସୌଭାଗ୍ୟ ପ୍ରଦାନ କରିଛନ୍ତି । ତେଣୁ ଏହି ଦୃଷ୍ଟି କୋଣରୁ ଆମ ଅହେମଦୀମାନଙ୍କ ପାଇଁ ଏହା କେବଳ ଖୁସି ଏବଂ ଆନନ୍ଦର ଦିନ ନୁହେଁ ବରଂ ଅତ୍ୟନ୍ତ କୃତଜ୍ଞତା ଜ୍ଞାପନ କରିବାର ଦିନ ଅଟେ,ସେହି ଈଶ୍ୱରଙ୍କୁ ଧନ୍ୟବାଦ ଦେବାର ଦିନ ଯିଏ ଆମକୁ ଏହି ମସଜିଦ ନିର୍ମାଣ କରିବାର ସୌଭାଗ୍ୟ ପ୍ରଦାନ କରିବା ସହିତ ଏଯୁଗର ଇମାମ ଏବଂ ଆଁହଜରତ ସ ଆ ସଙ୍କ ସଚ୍ଚା ପ୍ରେମୀଙ୍କର ଜୀବନ୍ତ ନିଦର୍ଶନ ଦେଖାଇଲେ ।

ଆଜି ଆମେ ଏଠାରେ ଯେଉଁ ମସଜିଦରେ ବସିଛନ୍ତି,ଏହାର ଉଦଘାଟନ କରୁଛନ୍ତି,ଏହି ମସଜିଦର ନାମ ମଧ୍ୟ "ଫତହ ଅଜୀମ'' ରଖାଯାଇଛି । ଏହି ନାମ ହଜରତ ମସିହ ମଉଦ ଆ ସ ଙ୍କ ଏଲହାମ ଏବଂ ଭବିଷ୍ୟବାଣୀ ଆଧାରରେ ରଖା ଯାଇଅଛି । ହଜରତ ମସିହ ମଉଦ ଆ ସ ଅଲ୍ଲାଃତାଲାଙ୍କଠାରୁ ଖବର ପାଇ ଡୁଇର ମୃତ୍ୟୁ ଖବର ଭବିଷ୍ୟବାଣୀ କରିଥିଲେ । ହଜରତ ମସିହ ମଉଦ ଆ ସ ଏହା କହିଥିଲେ ଯେ ଏହି ନିଦର୍ଶନ ଯେଉଁଥିରେ ଏକ ମହାନ ବିଜୟ ନିହିତ ରହିଛି,ତାହା ଖୁବ ଶୀଘ୍ର ପ୍ରକାଶ ହେବ । ***( ହକିକତୁଲ ୱହି)***

ଯେହେତୁ  ଅଲ୍ଲାଃତାଲାଙ୍କର  ଆଁହଜରତ ସ ଅ ସଙ୍କ ସହିତ ଏ ପ୍ରତିଶୃତି ଥିଲା ଯେ କୟାମତ (ମହା ପ୍ରଳୟ) ଦିନ ପର୍ଯ୍ୟନ୍ତ ସେ ଏହି ଧର୍ମକୁ ସ୍ଥାପିତ କରିବେ ଏବଂ ସ୍ଥିରତା ପ୍ରଦାନ କରିବେ ସେଥିପାଇଁ ସେ ଶେଷ ଯୁଗରେ ମସିହ ମଉଦ ତଥା ମେହେଦୀ ମାହୁଦ (ଆ ସ)ଙ୍କୁ ପଠାଇବେ । ସୁତରାଂ ସେ ମସିହ ମଉଦ ଆ ସଙ୍କୁ ପଠାଇଲେ । ସେ ଆସି ଜଗତକୁ ନିଜ ଆଗମନ ବିଷୟରେ ବତାଇଲେ ଏବଂ କୌଣସି ସାଧନ ନଥିବା ସତ୍ୱେ ମଧ୍ୟ ୟୁରୋପ, ଆମେରୀକା ଏବଂ ଦୁନିଆର ଅନେକ ଦେଶରେ ତାଙ୍କର ବାର୍ତା ପହଂଚିଲା ଏବଂ ଡୁଇର ମୃତ୍ୟୁ ସମ୍ବନ୍ଧରେ ଆମେ ଏହା ଦେଖୁଅଛୁ ଯେ ତାହା କେତେ ବୈଭବର ସହିତ ପୂରଣ ହେଲା ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ୍ ଖଲିଫତୁଲ ମସିହ ଖାମିସ(ପଂଚମ)[ଅ.ବ]**
**(ପ୍ରଦତ:୩୦ ସେପ୍ଟେମ୍ବର ୨୦୨୨ ଅନୁଯାୟୀ  ୩୦ ତବୁକ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَ رَسُوْلُهٗ
اَمَّا بَعْدُ فَاَعُوْذُ بِاللّٰہِ مِنَ الشَّيْطٰنِ الرَّجِيْمِ - بِسْمِ اللّٰہِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰہِ رَبِّ الْعٰلَمِيْنَ ○ الرَّحْمٰنِ الرَّحِيْمِ ○ مٰلِكِ يَوْمِ الدِّيْنِ ○ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ○
اِھْدِنَا الصِّرَاطَ الْمُسْتَقِيْمَ ○ صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ○

ଆଜି ଆମେ ଏଠାରେ ଜାଇଅନ (Zion) ମସଜିଦର ଉଦଘାଟନ କରିବା ପାଇଁ ଏକତ୍ରିତ ହୋଇଅଛେ । ଅଲ୍ଲାଃତାଲା ଜମାଅତ ଅହେମଦୀୟା ଆମେରିକାକୁ ଏଠାରେ ମସଜିଦ ନିର୍ମାଣ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତ ଏବଂ ସେହି ସହରରେ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି ଯେଉଁ ସହରଟି ଜମାଅତ ଅହେମଦୀୟାର ଇତିହାସରେ ଏକ ସ୍ୱତ୍ୱନ୍ତ୍ର ସ୍ଥାନ ରଖିଛି । ଦୁଇଦିନ ପୂର୍ବେ ଜଣେ ଜର୍ଣ୍ଣାଲିଷ୍ଟ (ସାମ୍ବାଦିକ) ମୋତେ ପଚାରିଲେ ଯେ ଏହି ମସଜିଦଟି ଏହି ସ୍ଥାନରେ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ? ଆମ ପାଇଁ ତ ପ୍ରତ୍ୟେକ ମସଜିଦ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ମୁଁ ସେହି ସାମ୍ବାଦିକଙ୍କୁ ଏହା ହିଁ କହିଥିଲି ଯେ ଆମ ପାଇଁ ପ୍ରତ୍ୟେକ ମସଜିଦ ଗୁରୁତ୍ୱପୂର୍ଣ୍ଣ ଅଟେ । ତାଙ୍କର ଏ ଭାବନା ଥିଲା ଯେ କେବଳ ଏହି ମସଜିଦ ପାଇଁ ବିଶେଷ ଭାବରେ ମୁଁ ଏଠାକୁ କାଳେ ଆସିଛି । ମୁଁ କହିଲି ଯେ ଏହା ପୂର୍ବରୁ ବି ମୁଁ ମସଜିଦଗୁଡ଼ିକର ଉଦଘାଟନ କରିବା ପାଇଁ ଯାଇଥାଏ । ସେ ଯାହା ବି ହେଉ ତାଙ୍କୁ ମୁଁ କହିଲି ଯେ ଏହି ମସଜିଦର ଏକ ମହତ୍ୱ ରହିଛି । ତାହା ହେଉଛି ଏହା କି ଏହି ମସଜିଦଟି ଏପରି ଏକ ସହରରେ ନିର୍ମାଣ କରାଯାଇଅଛି ଯାହାକୁ  ଜଣେ ଇସଲାମ ବିରୋଧି ବ୍ୟକ୍ତି ଆବାଦ(Established) କରିଥିଲେ,ଏବଂ ଯେଉଁ ଲୋକମାନେ ଇତିହାସ ପ୍ରତି ଆଗ୍ରହ ରଖିଛନ୍ତି,ସେମାନେ ଏହି ଇତିହାସକୁ ଜାଣିବା ପାଇଁ ଚେଷ୍ଟା କରିବେ । କାରଣ ଜମାଅତ ବ୍ୟତୀତ ଅନ୍ୟ କେହି ଏହି ସହରର ଇତିହାସ ବିଷୟରେ ଜାଣି ନାହାନ୍ତି କି ଡୁଇକୁ ମଧ୍ୟ ଜାଣି ନାହାନ୍ତି । ସେହି ଇତିହାସକୁ ଜଣାଇବା ପାଇଁ ଜମାତ ଦ୍ୱାରା ଗୋଟିଏ ପଦର୍ଶନୀର ବି ଆୟୋଜନ କରାଯାଇଅଛି,ଯାହା ଏହି ସହରର ଇତିହାସ ଉପରେ ଏକ ବିଶେଷ ଆଲୋକପାତ କରୁଅଛି । ଆମ ଜମାତ ନିକଟରେ ଏହି ସହରର ଯେଉଁ ମହତ୍ୱ ରହିଛି ,ଏବଂ ଯେଉଁମାନଙ୍କୁ ଆଗ୍ରହ ରହିଛି,ସେମାନେ ଏହି ପଦର୍ଶନୀରୁ କିଛି ମାତ୍ରାରେ ଉପକୃତ ହୋଇପାରିବେ । କିଛି ପରିମାଣରେ ଲାଭ ଉଠାଇ ପାରିବେ । ବୋଧହୁଏ ସେ ଆସନ୍ତା କାଲି ଏ ବିଷୟରେ ଆର୍ଟିକିଲ ମଧ୍ୟ ଲେଖିବେ । ସେ ଯାହା ବି ହେଉ ମୁଁ ଯେମିତି ଏହା କହିଲି ଯେ ଏହି ସହରର ଐତିହାସିକ ମହତ୍ୱ ତଥା ଏଠିକାର ଜଣେ ତଥାକଥିତ ଦାବିଦାରର ଆବିର୍ଭାବ ହେବା ଏବଂ ହଜରତ ମସିହ ମଉଦ ଅ ସଙ୍କ ବିରୁଦ୍ଧରେ ତାହାର କୁଭାଷା ପ୍ରୟୋଗ କରିବା, ପୁଣି ତାହାର ସେଠାରେ ନିଃଶେଷ ହେବା,ପୁଣି ଏହି ସହରରେ ଜମାତ ପ୍ରତିଷ୍ଠା ହେବା ଯୋଗୁଁ ପ୍ରତ୍ୟେକ ଅହେମଦୀ ଏଇଥିପାଇଁ ଅଲ୍ଲାଃଙ୍କ ନିକଟରେ କତଜ୍ଞ ହେବା ଉଚିତ । ତେଣୁ ହଜରତ ମୁହମ୍ମଦ ମୁସ୍ତଫା ସ ଅ ସଙ୍କ ଆଦେଶ ମୁତାବକ ଆମ୍ଭେ ଏହି ସହରର ଲୋକମାନଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରୁଅଛୁ ଯେ କାଉଁସିଲ ଏଠାରେ ମସଜିଦ ନିର୍ମାଣ କରିବା ପାଇଁ ବିରୋଧ କରିବା ସତ୍ୱେ ବି ମସଜିଦ ନିର୍ମାଣ କରିବା ପାଇ ମନା କରିଦେବା ସତ୍ୱେ ବି ସେମାନେ ଅର୍ଥାତ ଏହି ସହରର ଲୋକମାନେ ଆମ ସପକ୍ଷରେ ଛିଡ଼ା ହେଲେ ଏବଂ କାଉଁସିଲକୁ ବାଧ୍ୟ କରିଦେଲେ ଯେ ସେ ଆମକୁ ଏଠାରେ ମସଜିଦ ନିର୍ମାଣ କରିବା ପାଇଁ ଅନୁମତି ଦିଅନ୍ତୁ ।

ଅତେବ ଆଁ ହଜରତ ସ ଅ ସ ଙ୍କର ଏହି ଆଦେଶ ରହିଛି ଯେ ଯେଉଁମାନେ ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କରୁନାହାନ୍ତି,ଲୋକମାନଙ୍କୁ ଧନ୍ୟବାଦ ଅର୍ପଣ କରୁନାହାନ୍ତି,ସେମାନେ ଅଲ୍ଲାଃତାଲା (ପରମେଶ୍ୱର)ଙ୍କ ନିକଟରେ ବି କୃତଜ୍ଞ ନୁହନ୍ତି । ***(ସୁନନେ ତିରିମିଜି, ଅବୱାବୁଲ ବିରର ୱସ ସିଲାଃ, ବାବ ମା ଜାଆ ଫିସ୍ ଶୁକର ଲିମନ ଅହସନା ଇଲୈକା,ହଦିସ ନଂ-୧୯୫୪)***

ଅତେବ ଏହି ଆଦେଶ ମୁତାବକ ଆମକୁ ଖୁଦା ତାଲାଙ୍କର,ସେହି ମହାନ ପରମେଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କରିବ ଉଚିତ,ଯିଏ ଆମକୁ ଏହି ମସଜିଦ ନିର୍ମାଣ କରିବା ପାଇଁ ସୁଯୋଗ ଏବଂ ସୌଭାଗ୍ୟ ପ୍ରଦାନ କରିଛନ୍ତି । ତେଣୁ ଏହି ଦୃଷ୍ଟି କୋଣରୁ ଆମ ଅହେମଦୀମାନଙ୍କ ପାଇଁ ଏହା କେବଳ ଖୁସି ଏବଂ ଆନନ୍ଦର ଦିନ ନୁହେଁ ବରଂ ଅତ୍ୟନ୍ତ କୃତଜ୍ଞତା ଜ୍ଞାପନ କରିବାର ଦିନ ଅଟେ,ସେହି ଈଶ୍ୱରଙ୍କୁ ଧନ୍ୟବାଦ ଦେବାର ଦିନ ଯିଏ ଆମକୁ ଏହି ମସଜିଦ ନିର୍ମାଣ କରିବାର ସୌଭାଗ୍ୟ ଦେବା ସହିତ ଏଯୁଗର ଇମାମ ଏବଂ ଆଁହଜରତ ସ ଆ ସଙ୍କ ସଚ୍ଚା ପ୍ରେମୀଙ୍କର ଜୀବନ୍ତ ନିଦର୍ଶନ ଦେଖାଇଲେ ।

ଇତିହାସର ପୃଷ୍ଠାରେ ମଧ୍ୟ , ଏ ଯୁଗର ଯେଉଁ ଇତିହାସ ରହିଛି,ସେ ସମ୍ବନ୍ଧରେ ବି ମୁଁ କିଛି କଥା ବର୍ଣ୍ଣନା କରିବାକୁ ଚାହିଁବି,ଯେଉଁଥିରୁ ଏହାର ମହତ୍ୱ ଏବଂ ହଜରତ ମସିହ ମଉଦ ଆ ସଙ୍କ ସତ୍ୟତା ତଥା ସେହି ସତ୍ୟତାକୁ ଲୋକମାନେ କିପରି ଗ୍ରହଣ କରିଛନ୍ତି ସେ ବିଷୟରେ ଜଣାପଡିଥାଏ । ଆମେ ସେଥି ଯୋଗୁଁ ଅଲ୍ଲାଃତାଲାଙ୍କ ନିକଟରେ ଯେତେ ମାତ୍ରାରେ କୃତଜ୍ଞତା ଜ୍ଞାପନ କରିଚାଲୁଥିବା ସେତେ ମାତ୍ରାରେ ଅଲ୍ଲାତାଲା ଆମ ଉପରେ ନିଜର କୃପା ଅବତୀର୍ଣ୍ଣ କରିଚାଲିବେ ଏବଂ ହଜରତ ମସିହ ମଉଦ ଆ ସଙ୍କ ସତ୍ୟତାର ନିଦର୍ଶନ ଆମମାନଙ୍କ ଉପରେ ପ୍ରକାଶ ହୋଇଚାଲିବ ।

ତେଣୁ ଏହା ହେବ ଆମ କୃତଜ୍ଞତା ଜ୍ଞାପନ କରିବାର ଅବସ୍ଥା,ଯାହା ଆମକୁ ସେହି ନିଦର୍ଶନଗୁଡ଼ିକର ସତ୍ୟତାର ସାକ୍ଷୀ କରିଦେବ। ଅବଶ୍ୟ ହଜରତ ମସିହ ମଉଦ ଆ ସଙ୍କ ସହିତ ଅଲ୍ଲାଃତାଲାଙ୍କର ପ୍ରତିଶୃତି ରହିଛି । ଜମାତର ଉନ୍ନତି ପାଇଁ ଅଗଣତି ପ୍ରତିଶୃତି ରହିଛି । ତେଣୁ ସେ ଆପଣଙ୍କୁ ଜମାଅତର ଅଗ୍ରଗତି ଦେଖାଇବେ । ଦେଖାଇଛନ୍ତି,ଦେଖାଉଛନ୍ତି ଏବଂ ଆସନ୍ତାକୁ ବି ଦେଖାଇବେ । କିନ୍ତୁ ଆମେ ସେହି ଉନ୍ନତିକୁ ଦେଖିବା ପାଇଂ ଏବଂ ତାହାର ଅଂଶବିଶେଷ ହେବା ପାଇଁ ସେତେବେଳେ ହକଦାର ହେବା ଯେବେ ଆମେ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଏବଂ ଲ୍ଲାଃତାଲାଙ୍କ ଆଦେଶାବଳୀ ଗୁଡ଼ିକ ଉପରେ ସଠିକର ରୂପେ ପରିଚାଳିତ ହେବା ।

ଏପରି ଅସଂଖ୍ୟ ପ୍ରତିଶୃତି ଏବଂ ପ୍ରତିଜ୍ଞା ରହିଛି ଯାହାକୁ ଆମେ ଆମ ଜୀବନରେ ପୂରଣ ହେବାର ଦେଖିସାରିଛନ୍ତି । ଅଲ୍ଲାଃତାଲା ନିଜର ଧାର୍ଯ୍ୟ ସମୟରେ ସେହି ସବୁ ପ୍ରତିଶୃତିଗୁଡ଼ିକୁ ପୂରଣ ହେବାର ଦୃଶ୍ୟକୁ ଦେଖାଇଚାଲିଛନ୍ତି । ଏହା ଅଲ୍ଲାଃତାଲାଙ୍କ ପ୍ରତିଶୃତି ପୂରଣ ହେବାର ଦୃଶ୍ୟ ନୁହେଁ ତ ଆଉ କ'ଣ । ଆଜିଠାରୁ ଶହେ ବର୍ଷ ପୂର୍ବେ ଅଲ୍ଲାଃତାଲାଙ୍କ ନିକଟରୁ ଖବର ପାଇ ହଜରତ ମସିହ ମଉଦ ଆ ସ ଯେଉଁ ମିଥ୍ୟାବଦୀ ଦାବିଦାର ତଥା ଇସଲାମର ଶତ୍ରୁର ମୃତ୍ୟୁ (ଧ୍ୱଂସ) ହେବା ବିଷୟରେ ଭବିଷ୍ୟବାଣୀ କରିଥିଲେ । ଇସଲାମର ସେହି ଶତ୍ରୁଜଣକ ଏହି ସହର ସମ୍ବନ୍ଧରେ ଏ ଘୋଷଣା କରିଥିଲା ଯେ କୌଣସି ମୁସଲମାନ ଏହି ସହରରେ ସେପର୍ଯ୍ୟନ୍ତ ପ୍ରବେଶ କରିପାରିବ ନାହିଁ ଯେପର୍ଯ୍ୟନ୍ତ ସେ ଖ୍ରୀଷ୍ଟିଆନ ନ ହୋଇଛି । କିନ୍ତୁ ଦେଖନ୍ତୁ ଅଲ୍ଲାଃତାଲା ତାର ଏହି ସହରରେ ଆମ ଜମାତକୁ ମସଜିଦ ନିର୍ମାଣ କରିବା ପାଇଁ ସୌଭାଗ୍ୟ ପ୍ରଦାନ କଲେ ।

ଅତେବ ଦେଖନ୍ତୁ ଏହା ହେଉଛି ଅଲ୍ଲାଃତାଲାଙ୍କର କାର୍ଯ୍ୟ । ଜଣେ ମିଲିୟନାରୀ ତଥା ସାଂସାରିକ ମାନ ସମ୍ମାନ ରଖିଥିବା ବ୍ୟକ୍ତିକୁ ଅଲ୍ଲାଃତାଲା ମିଥ୍ୟାବାଦୀ ରୂପେ ଅଭିହିତ କରିଦେଲେ, ନିଃଶେଷ କରିଦେଲେ ଏବଂ ସେହି ମିଥ୍ୟାବାଦୀର ବିପକ୍ଷରେ ପଞ୍ଜାବର ଗୋଟିଏ ଛୋଟିଆ ଗ୍ରାମରେ ରହୁଥିବା ଅଲ୍ଲାଃଙ୍କର ଦୂତଙ୍କ ଦାବିର ସ୍ୱର, ଯାହା ଇସଲାମର ଦ୍ୱିତୀୟ ଯୁଗ ସହିତ ପ୍ରତିଶୃତ ଥିଲା,ତାହାର ଗୁଞ୍ଜରଣ ଦୁନିଆର ଦୁଇଶହ କୋଡ଼ିଏ ଦେଶରେ କରିଦେଲେ । କିନ୍ତୁ କ'ଣ ଆମର ଏଠାରେ କାମ ଶେଷ ହୋଇଗଲା କି ? କ'ଣ ଏତିକି ଯଥେଷ୍ଟ ଯେ ଆମେରିକାର ଏହି ଛୋଟିଆ ସହରରେ ଆମେ ମସଜିଦ ତିଆରି କରିଦେଲୁ ଏବଂ ଜମାଅତକୁ ଉନ୍ନତି ମିଳିଗଲା ? ନୁହେଁ ।

ହଜରତ ମସିହ ମଉଦ ଆ ସଙ୍କ ପାଇଁ ଅଲ୍ଲାଃତାଲା ସମଗ୍ର ସଂସାରକୁ କର୍ମ କ୍ଷେତ୍ରରେ ପରିଣତ କରିଦେଇଛନ୍ତି । ଆମକୁ ପ୍ରତ୍ୟେକ ଛୋଟ ସହର ଏବଂ ପ୍ରତ୍ୟେକ ବଡ ସହରକୁ , ପ୍ରତ୍ୟେକ ଦେଶକୁ ଆଁହଜରତ ସ ଆ ସଙ୍କ ଦାସତ୍ୱରେ ଆଣିବାକୁ ପଡିବ । ଯଦି ଆମେ ଆମ ସାଧନକୁ ଦେଖିବା ତା'ହେଲେ ଏହା ଆମକୁ ଏକ ବିଶାଳ କାର୍ଯ୍ୟ ପରି ଦେଖାଯିବ । କିନ୍ତୁ ଅଲ୍ଲାଃତାଲା ଏହା ସବୁ ସତ୍ୱେ ବି ଆମକୁ ଏହି କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ପ୍ରଦାନ କରିଛନ୍ତି ଏବଂ ହଜରତ ମସିହ ମଉଦ ଆ ସଙ୍କ ସହିତ ଅଲ୍ଲାଃତାଲାଙ୍କର ଏ ପ୍ରତିଶୃତି ବି ଥିଲା । କିନ୍ତୁ ହଜରତ ମସିହ ମଉଦ ଆ ସ କହିଛନ୍ତି ଯେ ଏହି ସମସ୍ତ କାର୍ଯ୍ୟ ଯାହା ଆମେ କରୁଅଛୁଁ ଏହା ତ ଆମର ଏକ ମାମୁଲି ପ୍ରୟାସ । ଆ ସହିତ ଅସଲରେ ପ୍ରାର୍ଥନା କରିବାର ଆବଶ୍ୟକତା ରହିଛି । ପ୍ରାର୍ଥନା ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହୋଇପାରିବ ।

ଅତେବ ଏହି ଗୁରୁତ୍ୱପୂର୍ଣ୍ଣ କଥାକୁ ଆମେ ସର୍ବଦା ମନେରଖିବା ଉଚିତ ଯେ ଆମେ କିପରି ଦୁଆ (ପ୍ରାର୍ଥନା) କରିବା ପ୍ରତି ଧ୍ୟାନ ଦେବା ଏବଂ ମସଜିଦର ନିର୍ମାଣ ମଧ୍ୟ ଏଇଥିପାଇଁ ହୋଇଥାଏ ଯେ ସେଥିରେ ଉପାସନା କରିବା ପାଇଁ ଲୋକେ ଏକତ୍ରିତ ହେବେ । ପାଂଚବେଳା ଅଲ୍ଲାଃତାଲାଙ୍କ ଦରବାରରେ ଲୋକେ ହାଜିର ହେବେ । ଜୁମା ନମାଜ ନିୟମିତ ଭାବରେ ପାଠ ପଢାଯାଇପାରିବ । ଏ ସାଂସାରିକ ଖେଳକୁଦ ଏବଂ ଦୁନିଆର କାମରେ ମାତି ଈଶ୍ୱରଙ୍କ ପ୍ରତି ଥିବା ନିଜର କର୍ତବ୍ୟ ଅର୍ଥାତ ଈଶ୍ୱରଙ୍କ ଉପାସନାକୁ ଭୂଲି ନଯାଅ । ଯଦି ଆମେ ଏହି ଉପାସନାକୁ ଭୁଲିଯିବା ତା'ହେଲେ ଏହି ମସଯିଦ ନିର୍ମାଣ କରିବା କେବଳ ଏକ ବାହ୍ୟ ଢାଂଚାକୁ ତିଆରି କରି ଛିଡ଼ା କରାଇବା ହେବ । ଆମେ ଦୁନିଆକୁ ଏହା ତ ବତାଉ ଥିବା ଯେ ଏଠାରେ ମୁସଲମାନମାନଙ୍କର ଗୋଟିଏ ମସଜିଦ ନିର୍ମାଣ ହୋଇଗଲା,କିନ୍ତୁ ଆମର କାର୍ଯ୍ୟ ଅଲ୍ଲାଃତାଲାଙ୍କ ନିକଟରେ ଏପରି ଯୋଗ୍ୟ ହେବ ନାହିଁ ଯେ ଏହି ମସଜିଦର ବରକତରୁ ଆମେ ଲାଭ ଉଠାଇପାରିବା ବା ଆମେ ହଜରତ ମସିହ ମଉଦ ଆ ସ ଙ୍କ ସାହାଯ୍ୟକାରୀମାନଙ୍କ ମଧ୍ୟରେ ସାମିଲ ହୋଇପାରିବା । ହଜରତ ମସିହ ମଉଦ ଆ ସ କହିଛନ୍ତି ଯେ ଅହରହ ଦୁଆ (ପ୍ରାର୍ଥନା) କରି ମୋର ସାହାଯ୍ୟକାରୀ ହୁଅ ଯଦ୍ଦ୍ୱାରା ଆମେ ଅଲ୍ଲାଃତାଲାଙ୍କ କୃପାକୁ ଶୀଘ୍ରାତି ଶୀଘ୍ର ପୂରଣ ହେବାର ଦେଖିପାରିବା ।

ସୁତରାଂ ଆଜି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଏ କର୍ତବ୍ୟ ରହିଛି ଯେ ଗ୍ରହଣଯୋଗ୍ୟ ଦୁଆ ନିମନ୍ତେ ନିଜର ଉପାସନାକୁ ଜୀବନର ଅଂଶବିଶେଷ କରିଦିଅନ୍ତୁ । ନିଜ ପିଲାମାନଙ୍କୁ ମଧ୍ୟ ଉପାସନା କରିବାର ଅଭ୍ୟାସ ପକାନ୍ତୁ । ଅଲ୍ଲାଃତାଲାଙ୍କ ଦ୍ୱାରା ବତାଯାଇଥିବା ମାର୍ଗ ମୁତାବକ ନିଜର ନମାଜଗୁଡିକୁ ସଠିକ ଭାବରେ ପାଠ କରନ୍ତୁ । ଆନ୍ତରିକତାର ସହିତ ନିଷ୍ଠାପର ଭାବରେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ନତମସ୍ତକ ହୁଅନ୍ତୁ ଏବଂ ତାହାଙ୍କଠାରୁ ଆହୁରି ଅଧିକା ବିଜୟ ଭିକ୍ଷା କରନ୍ତୁ । ଆମମାନଙ୍କ ମଧ୍ୟରୁ ସେମାନେ କେତେ ଭାଗ୍ୟବାନ ହେବେ ଯେଉଁମାନଙ୍କୁ ଏସବୁ କିଛି ପ୍ରାପ୍ତ ହେବ ଏବଂ ସେମାନେ ଅଲ୍ଲାଃତାଲାଙ୍କ କୃପାକୁ ବର୍ଷା ହେବାର ଦେଖିପାରୁଥିବେ ।

ଯଦି ଆମେମାନେ ଆମ ନିଜ ଉପାସନାର ସ୍ତରକୁ ଉଚ୍ଚା କରିବା,ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବା ତା'ହେଲେ ହଜରତ ମସିହ ମଉଦ ଆ ସ ଙ୍କ ସହିତ ଅଲ୍ଲାଃତାଲାଙ୍କର ଯେଉଁ ପ୍ରତିଶୃତି ରହିଛି,ତାହାକୁ ନିଜ ଜୀବନରେ ପୂରଣ ହେଉଥିବାର ଦେଖିପାରିବା ।

ତେଣୁ ଆମେ ଆମର ଅବସ୍ଥା ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏହି ବିକାଶଶୀଳ ରାଷ୍ଟ୍ର ଗୁଡ଼ିକରେ ଆସି ଆମେ ସାଂସାରିକତାରେ ବୁଡି ନଯିବା । ଏବେ ବିଗତ କିଛି ବର୍ଷ ହେବ ନୂଆ ଆଜାଇଲମ ସିକର ମଧ୍ୟ ଏଠାକୁ ଆସିଛନ୍ତି । ତେଣୁ ଦୁନିଆରେ ହଜିନଯାଅ । ବୁଡି ନଯାଅ । ଏଠାରେ ନିର୍ମାଣ ହେଉଥିବା ପ୍ରତ୍ୟେକ ମସଜିଦ ଆମ ମଧ୍ୟରେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାରେ ଏକ ଉତ୍ସାହପ୍ରଦାନକାରୀ ଭାବରେ ସାବ୍ୟସ୍ତ ହେବା ଉଚିତ । ଏପରି ନହେଉ କି ଆମର କର୍ମ ଯୋଗୁଁ ତାହାର ପୂରଣ ହେବାର ସମୟ ଆମଠାରୁ ଦୂରେଇଯାଉ ବା ତାହା ଆଉ କାହା ଜରିଆରେ,ପରବର୍ତୀ ସମୟରେ ଯେଉଁ ଲୋକମାନେ ଆସିବେ,ସେମାନଙ୍କ ଜରିଆରେ ପୂରଣ ହେଉ । ଫଳତଃ ଆମେ ସେଥିରୁ ବଂଚିତ ରହିଯିବା । ଆଁ ହଜରତ ସ ଅ ସଙ୍କ ସହିତ ଅଲ୍ଲାଃତାଲାଙ୍କର ଏ ପ୍ରତିଶୃତି ଥିଲା ଯେ ଇସଲାମର ବିଜୟ ହେବ । ଅଲ୍ଲାଃତାଲାଙ୍କୁ ସବୁଠାରୁ ପ୍ରିୟ ନବି ଆଁ ହଜରତ ସ ଅ ସଙ୍କ ବ୍ୟତୀତ ଆଉ କିଏ ହୋଇପାରେ । କିନ୍ତୁ ଏହା ସତ୍ୱେ ମଧ୍ୟ ବଦର ଯୁଦ୍ଧ ଅବସରରେ ମହାଭାଗ ସ ଆ ସଙ୍କର ଆକୁଳ ପ୍ରାର୍ଥନା ନିବେଦନ, ଈଶ୍ୱରଭୟ ଏବଂ ପ୍ରାର୍ଥନାର ସ୍ତର କଣ ଏକ ମହାନ ସ୍ଥାନରେ ପହଂଚି ନଥିଲା ? ତାହା ଏତେ ମାତ୍ରାରେ ଥିଲା ଯେ ମହାଭାଗ ସ ଅ ସଙ୍କ ଚାଦର ବାରମ୍ବାର କାନ୍ଧରୁ ଖସି ପଡୁଥିଲା ଏବଂ ପୁଣି ଯେବେ ହଜରତ ଅବୁ ବକର ର ଅ ଏ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ ସ ଆ ସ ! ଅଲ୍ଲାଃତାଲାଙ୍କର ବିଜୟ ଏବଂ ସମର୍ଥନର ପ୍ରତିଶୃତି ରହିଛି । ପୁଣି ଆପଣ ଏତେ ମାତ୍ରାରେ ବ୍ୟତିବ୍ୟସ୍ତତାର ପ୍ରକାଶ କାହିଁକି କରୁଛନ୍ତି ? ଏଥିରେ ମହାଭାଗ ସ ଅ ସ କହିଲେ :

ଅଲ୍ଲାଃତାଲା ଯାହା ଚାହାନ୍ତି କରିଥାନ୍ତି । ଏହି ବିଜୟର ପ୍ରତିଶୃତିରେ ମଧ୍ୟ ଗୁପ୍ତ ସର୍ତାବଳୀ ନିହିତ ରହିଥାଏ । ତେଣୁ ମୋ କାମ ହେଉଛି ଅତ୍ୟନ୍ତ ନିବେଦନ ପୂର୍ବକ ବ୍ୟାକୁଳତାର ସହିତ ଅଲ୍ଲାଃତାଲାଙ୍କଠାରୁ ତାହାର ସାହାଯ୍ୟ ଭିକ୍ଷା କରିବା । ***(ମଲଫୁଜାତ, ଖ-୦୧, ପୃ-୧୧)***

ଏବଂ ତାପରେ ବିଭିନ୍ନ ଅବସରରେ ଶତ୍ରୁମାନଙ୍କ ତରଫରୁ ବାରମ୍ବାର ଆକ୍ରମଣ ହେବା ଦ୍ୱାରା ତଥା ପ୍ରତ୍ୟେକ ପ୍ରକାରର କ୍ଷତି ମିଳିବା ସତ୍ୱେ କିଛି ବର୍ଷ ପରେ ହିଁ ଅଲ୍ଲାଃତାଲା ଯେଉଁ ବିଜୟ ପ୍ରଦାନ କଲେ,ସେପରି ମହାନ ବିଜୟ ନା କୌଣସି ଇତିହାସ ଦେଖିଛି ନା ଶୁଣିଛି ଯେ ଜୀବନଶତ୍ରୁ ନା କେବଳ ମୁସଲମଲାନ ହୋଇଗଲେ ବରଂ ମହାଭାଗ ସ ଅ ସ ଙ୍କ ପାଗଳ ପ୍ରେମୀ ହୋଇଗଲେ । ନିଜର ଜୀବନକୁ ମହାଭାଗ ସ ଅ ସଙ୍କ ଉପରେ ଉତ୍ସର୍ଗ କରିବାର ଉଦାହରଣ ହୋଇଗଲେ । ଏ ସଂସାରବସୀଙ୍କୁ ଏହା ସାବ୍ୟସ୍ତ କରି ଦେଖାଇଦେଲେ ଯେ କୌଣସି ଶତ୍ରୁ ଆମ ଶବ ଉପରେ ଚଢି ନଯିବା ପର୍ଯ୍ୟନ୍ତ ଆଁ ହଜରତ ସ ଆ ସଙ୍କ ନିକଟରେ ପହଂଚି ପାରିବ ନାହିଁ । କିନ୍ତୁ ଯେଉଁମାନଙ୍କ ଭାଗ୍ୟରେ ଅପମାନ ଏବଂ ତିରସ୍କାର ଲେଖାଯାଇଥିଲା । ସେମାନଙ୍କୁ ଅଲ୍ଲାଃତାଲା ଧ୍ୱଂସ କରିଦେଲେ । ହଜରତ ମସିହ ମଉଦ ଆ ସ କୁହନ୍ତି ଯେ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ ହୋଇଥିବା ସେହି ବ୍ୟକ୍ତିର ପ୍ରାର୍ଥନା ହିଁ ଥିଲା ଯାହା ଏହି ବିପ୍ଳବକୁ ଚରିତାର୍ଥ କରିପାରିଥିଲା । ***(ଉଦ୍ଧୃତାଂଶ ପୁସ୍ତକ ବରକାତୁଦ ଦୁଆ ,ରୁହାନୀ ଖଜାଇନ,ଖ-୦୬,ପୃ-୧୧)***

ଅତେବ ଆଜି ମଧ୍ୟ ସେହି ଫାନି ଫିଲ୍ଲାଃ (ଅର୍ଥାତ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ ହୋଇଥିବା) ସେହି ବ୍ୟକ୍ତି ବିଶେଷଙ୍କ ସଚ୍ଚା ଦାସଙ୍କ ପ୍ରାର୍ଥନା ହିଁ ରହିଛି ଯାହା ନିଜ ସମୟରେ ପୂରଣ ହୋଇ ଦୁନିଆକୁ ଆଁହଜରତ ସ ଅ ସ ଙ୍କ ପାଦ ତଳେ ନେଇ ଆସିବ । କିନ୍ତୁ ହଜରତ ମସିହ ମଉଦ ଆ ସ କହିଛନ୍ତି : ତୁମେ ଯେଉଁମାନେ ମୋ ସହିତ ସଂଶ୍ଲିଷ୍ଟ ଅଛ ନିଜର ଦୁଆ (ପ୍ରାର୍ଥନା) ଏବଂ ନିଜର କର୍ମ ଦ୍ୱାରା ମୋତେ ସାହାଯ୍ୟ କର ।

ଆଜି ଆମେ ଏହି ମସଜିଦରେ ବସିଛନ୍ତି,ଏହାର ଉଦଘାଟନ କରୁଛନ୍ତି, ଏହି ମସଜିଦର ନାମ ମଧ୍ୟ "ଫତହ ଅଜୀମ'' ରଖାଯାଇଛି । ଏହି ନାମ ହଜରତ ମସିହ ମଉଦ ଆ ସ ଙ୍କ ଏଲହାମ ଏବଂ ଭବିଷ୍ୟବାଣୀ ଆଧାରରେ ରଖା ଯାଇଅଛି । ହଜରତ ମସିହ ମଉଦ ଆ ସ ଅଲ୍ଲାଃତାଲାଙ୍କଠାରୁ ଖବର ପାଇ ଡୁଇର ମୃତ୍ୟୁ ଖବର ଭବିଷ୍ୟବାଣୀ କରିଥିଲେ । ହଜରତ ମସିହ ମଉଦ ଆ ସ ଏହା କହିଥିଲେ ଯେ ଏହି ନିଦର୍ଶନ ଯେଉଁଥିରେ ଏକ ମହାନ ବିଜୟ ନିହିତ ରହିଛି,ତାହା ଖୁବ ଶୀଘ୍ର ପ୍ରକାଶ ହେବ । ***(ଉଦ୍ଧୃତାଂଶ ପୁସ୍ତକ ହକିକତୁଲ ୱହି, ରୁହାନୀ ଖଜାଇନ, ଖ-୨୨,ପୃ-୫୧୧ ହାଶିୟାଃ)***ଏବଂ ଏ ଦୁନିଆ ଦେଖିନେଲା ଯେ ପନ୍ଦର କୋଡ଼ିଏ ଦିନ ମଧ୍ୟରେ ହିଁ ଅଲ୍ଲାଃତାଲା ତାକୁ ମାରିଦେଲେ ଏବଂ ସେ ବହୁତ ଅପମାନିତ ହୋଇ ମଲା । ଏହା ପୂର୍ବରୁ ଅଲ୍ଲାଃତାଲା ତା ସହିତ କି ପ୍ରକାରର ବ୍ୟବହାର କରିଛନ୍ତି ତାହା ଏକ ଅଲଗା କାହାଣୀ । ସେ ଯାହା ବି ହେଉ ତା ମରିବାର ନିଦର୍ଶନକୁ ଅଲ୍ଲାଃତାଲାଙ୍କଠାରୁ ଏତେଲା ପାଇ ହଜରତ ମସିହ ମଉଦ ଆ ସ ଏହା ଏକ ମହାନ ବିଜୟ ବୋଲି ଅଭିହିତ କଲେ । ଆଜି ତା ଆଗକୁ ପଦକ୍ଷେପ ଗ୍ରହଣ କରାଯାଇଅଛି ଯେ ଆମେ ଏହି ସହରରେ ମସଜିଦର ଉଦଘାଟନ କରୁଅଛୁ । ଆପଣ ଅ ସଙ୍କ ଭବିଷ୍ୟବାଣୀର ଗୋଟିଏ ଅଂଶକୁ ଆମେ ପ୍ରାୟ ଏକ ଶହ ପନ୍ଦର ବର୍ଷ

ପୂର୍ବେ ପୂରଣ ହୋଇଥିବାର ଦେଖିଛେ ଏବଂ ତାହାର ଆଉ ଏକ ପାଦକୁ ଆମେ ଆଜି ପୂରଣ ହେଉଥିବାର ଦେଖୁଅଛେ । ଶହେ ପନ୍ଦର କୋଡ଼ିଏ ବର୍ଷ ପୂର୍ବେ ସେ ସମୟର ଖବରକାଗଜ ଗୁଡ଼ିକ ଯାହା ହେଉଛି ସାଂସାରିକ ଖବରକାଗଜ,ସେମାନେ ହଜରତ ମସିହ ମଉଦ ଅ ସ ଙ୍କ ଚ୍ୟାଲେଞ୍ଜକୁ ନିଜ ଖବରକାଗଜ ଗୁଡ଼ିକରେ ସ୍ଥାନ ଦେଇଥିଲେ ଏବଂ ତାହାର (ଅର୍ଥାତ ଡୁଇର) ମୃତ୍ୟୁ ଖବର ମଧ୍ୟ ପ୍ରକାଶ କରିଥିଲେ । ଅତେବ ଏହା ଥିଲା ଖୁଦାତାଲାଙ୍କ ନିଦର୍ଶନ ଯାହାକୁ ଏ ସଂସାରବାସୀ ସ୍ୱୀକାର କଲେ । ଗୋଟିଏ ଖବରକାଗଜର କିଛି ଅଂଶକୁ ମୁଁ ଏଠାରେ ବର୍ଣ୍ଣନା କରିଦେଉଛି । ଅଧିକା ଉଲ୍ଲେଖ ହୋଇପାରିବ ନାହିଁ । ୨୩ ଜୁନ ୧୯୦୭ ମସିହାରେ The Sunday Herald Boston ଖବରକାଗଜ ହଜରତ ମସିହ ମଉଦ ଆ ସ ଙ୍କ ପରିଚୟ ପ୍ରଦାନ କରିଛି । ପୁଣି ହଜରତ ମସିହ ମଉଦ ଆ ସ ଙ୍କ ଦାବି ଏବଂ ଚ୍ୟାଲେଞ୍ଜକୁ ଉଲ୍ଲେଖ କରିଛି । ପୁଣି ଡୁଇ ବିଷୟରେ ଲେଖିଛି ମଧ୍ୟ ଲେଖିଛି । ଏହି ଖବରକାଗଜର କିଛି ବାକ୍ୟ ମୁଁ ଏଠାରେ ଉପସ୍ଥାପନ କରିଦେଉଛି । ଏହି ଖବରକାଗଜଟି ନିଜର ଶୀର୍ଷକରେ ଲେଖିଛି ଯେ :

ମିର୍ଜା ଗୁଲାମ ଅହେମଦ ହେଉଛନ୍ତି ମହାନ ଓ ଯିଏ ହେଉଛନ୍ତି ମସିହି । ଯିଏ ଡୁଇର ଶିକ୍ଷଣୀୟ ପରିଣାମ (ଅର୍ଥାତ ଡୁଇର ମୃତ୍ୟୁ) ବିଷୟରେ ଖବର ଦେଇଛନ୍ତି ଏବଂ ତତସହିତ ସେ ତାଉନ (ମହାମାରୀ),ବନ୍ୟା ଏବଂ ଭୂମିକମ୍ପମ ହେବାର ଭବିଷ୍ୟବାଣୀ ବି କରୁଛନ୍ତି। ପୁଣି ସେ କହୁଛନ୍ତି ଯେ : ଅଗଷ୍ଟ ମାସର ତେଇଶି ଦିନ ବିତି ଥିଲା ଯେ ହିନ୍ଦୁସ୍ତାନର କାଦିଆନ ନିବାସୀ ମିର୍ଜା ଗୁଲାମ ଅହେମଦ ସାହେବ ଆଲେକଜାଣ୍ଡାର ଡୁଇର ମୃତ୍ୟୁ ଖବର ଦେଇଥିଲେ, ସେହି ଡୁଇ ନିଜକୁ ଇଲିଆ ସାନି ବୋଲି ଅଭିହିତ କରିଥିଲା । ଅତେବ (ମିର୍ଜା ଗୁଲାମ ଅହେମଦ ସାହେବଙ୍କର) ସେହି ଭବିଷ୍ୟବାଣୀ ଗତ ମାର୍ଚ୍ଚ ମାସରେ ପୂରଣ ହୋଇଗଲା । ପୁଣି ସେ କହୁଛି ଯେ ଏହି ଭାରତୀୟ ଲୋକ ଜଣକ ପୃଥିବୀର ପୂର୍ବ ଇଲାକାରେ ଅନେକ ବର୍ଷ ହେବ ପ୍ରସିଦ୍ଧ ପାଇ ଆସୁଛନ୍ତି । ତାଙ୍କର ଏ ଦାବି ଯେ ଶେଷ ଯୁଗରେ ଯେଉଁ ସଚ୍ଚା ମସିହଙ୍କୁ ଆସିବାର ଥିଲା ସେହି ମସିହ ହେଉଛି ମୁଁ,ଏବଂ ଖୁଦାତାଲା ତାଙ୍କୁ ସମ୍ମାନିତ କରିଛନ୍ତି । ଆମେରିକାରେ ପ୍ରଥମ ଥର ପାଇଁ ତାଙ୍କର ଚର୍ଚ୍ଚା ୧୯୦୩ ମସିହାରେ ସେରତେବେଳେ ହୋଇଥିଲା ଯେବେ ଇଲିଆ ତୃତୀୟଙ୍କ ସହିତ ତାଙ୍କର ବିବାଦ ସାମ୍ନାକୁ ଆସିଥିଲା । ଡୁଇର ମୃତ୍ୟୁ ପରେ ସେହି ଭାରତୀୟ ନବି ଜଣକ ପ୍ରସିଦ୍ଧିର ଉଚ୍ଚତମ ଶିଖରରେ ପହଂଚିଛନ୍ତି । କାରଣ ସେ ଡୁଇର ମୃତ୍ୟୁ ଖବର ବତାଇଥିଲେ ଯେ ତାଙ୍କର ଅର୍ଥାତ ମିର୍ଜା ଗୁଲାମ ସାହେବଙ୍କ ଜୀବଦଶାରେ ହିଁ ଅତ୍ୟନ୍ତ ଦୁଃଖ ଓ ଯନ୍ତ୍ରଣାରେ ଡୁଇର ମୃତ୍ୟୁ ହେବ । ପୁଣି ହଜରତ ମସିହ ମଉଦ ଅ ସଙ୍କ ତରଫରୁ ସେ ଲେଖିଛନ୍ତି ଯେ ମୁଷ୍ଟର ଡୁଇ ଯଦି ମୋ ମୁବାହିଲାର ଦରଖାସ୍ତକୁ ଗ୍ରହଣ କରିନେବ ଏବଂ ଖୋଲାଖୋଲି ଭାବରେ ବା ଇସାରା ଦ୍ୱାରା ମୋ ସାମ୍ନାରେ ଛିଡା ହେବ,ତାହେଲେ ସେ ମୋ ଦେଖୁ ଦେଖୁ ହିଁ ବହୁତ ପରିତାପ ଏବଂ ଦୁଃଖର ସହିତ ଏ ଅସ୍ଥାୟୀ ସଂସାରରୁ ବିଦାୟ ନେବ ।

ପୁଣି ସେ ହଜରତ ମସିହ ମଉଦ ଅ ସଙ୍କ ତରଫରୁ ଲେଖିଛି ଯେ ଦେଖ ଯଦି ମିଷ୍ଟର ଡୁଇ ଏହି ମୁକାବିଲାରୁ ପଳାୟନ କରିଯାଏ, ତାହେଲେ ମୁଁ ଆଜି ସମଗ୍ର ଆମେରିକା ତଥା ସମଗ୍ର ୟୁରୋପର ବାସିନ୍ଦାମାନଙ୍କୁ ଏ କଥାର ସାକ୍ଷୀ ରଖୁଛି ଯେ ତାର ଏପରି ଆଚରଣ ଓ ଶୈଳୀକୁ ତାର ପରାସ୍ତ ହୋଇଛି ବୋଲି ବୁଝାଯିବ । ଏପରି କ୍ଷେତ୍ରରେ ସାଧାରଣ ଜନତା ନିଶ୍ଚିତ ଭାବରେ ଏହା ବିଶ୍ୱାସ କରିବା ଉଚିତ ଯେ ତାର (ଅର୍ଥାତ ଡୁଇର) ଇଲୟାସ ହେବାର ଦାବି କେବଳ ମୁଁହର ଏକ ଧୋକା ଓ ପ୍ରତାରଣା ଥିଲା । ଯଦିଓ ସେ ଏହିପରି ମୃତ୍ୟୁରୁ ପଳାୟନ କରିବାକୁ ଚାହିଁବ କିନ୍ତୁ ପ୍ରକୃତ କଥା ହେଉଛି ଏହା କି ଏପରି ଭାରୀ ପ୍ରତିଯୋଗିତାରୁ ଓହରୀ ଯିବା ବି ଏକ ପ୍ରକାରର ମୃତ୍ୟୁ ଅଟେ । ତେଣୁ ଏହା ନିଶ୍ଚିତ ଭାବରେ ଜାଣିରଖ ଯେ ତା ସିହ୍ୟୁନ ଉପରେ ଯଥା ଶୀଘ୍ର ଏକ ବିପତି ଆସିବାକୁ ଅଛି । କାରଣ ଏହି ଦୁଇଟି ପରିସ୍ଥିତି ମଧ୍ୟରୁ ନିଶ୍ଚିତ ରୂପେ ଗୋଟିଏ ଅବସ୍ଥା ତାକୁ ଘେରିନେବ । ଏବେ ମୁଁ ଏହି ବିଷୟବସ୍ତୁକୁ ଏହି ଦୁଆ (ପ୍ରାର୍ଥନା) ସହିତ ଶେଷ କରୁଛି ଯେ ହେ ସର୍ବଶକ୍ତିମାନ ଏବଂ ପୂର୍ଣ୍ଣ ପରମେଶ୍ୱର ! ଯେ ସର୍ବଦା ନବିମାନଙ୍କ ଉପରେ ପ୍ରକାଶ ହୋଇଆସୁଛନ୍ତି ଏବଂ ପ୍ରକାଶ ହୋଇ ଚାଲିଥିବେ,ଏ ନିଷ୍ପତି ଶୀଘ୍ର କର ଯେ ପିଗଟ ଏବଂ ଡୁଇର ମିଥ୍ୟାକୁ ଲୋକମାନଙ୍କ ଉପରେ ପ୍ରକାଶ କରିଦିଅ । କାରଣ ଏହି ଯୁଗରେ ତୁମ୍ଭର ଭକ୍ତମାନେ ନିଜ ପରି ଜଣେ ମଣିଷର ଉପାସନା କରିବାରେ ମଗ୍ନ ହୋଇ ତୁମ୍ଭଠାରୁ ବହୁତ ଦୂରକୁ ଚାଲିଯାଇଛନ୍ତି ।

ପୁଣି ସେହି ଖବରକାଗଜ ଲେଖିଛି ଯେ ଆରମ୍ଭରେ ଡୁଇ ସୁଦୂରପୂର୍ବରୁ ଆସିଥିବା ଏହି ଚ୍ୟାଲେଞ୍ଜ ଉପରେ ସାଧାରଣତଃ କୌଣସି ଧ୍ୟାନ ଦେଇନଥିଲା । କିନ୍ତୁ ୨୬ ସେପ୍ଟେମ୍ବର ୧୯୦୩ ମସିହାରେ ସେ ନିଜର ଜିଅନ ସିଟି ପବ୍ଲିକେଶନରେ କହିଥିଲେ ଯେ ଲୋକମାନେ ବେଳେ ବେଳେ ମୋତେ କହୁଛନ୍ତି ଯେ ତୁମେ କାହିଁକି ଏହିପରି ଜିନିଷର ଜବାବ (ଉତର) ଦେଉନାହଁ ? ସେ କହିଲା ଯେ କ'ଣ ତୁମେମାନେ ଏକଥା ଭାବୁଛ ଯେ ମୋତେ ଏହି ମାଛି ଏବଂ ମଶାମାନଙ୍କୁ ଉତର ଦେବା ଉଚିତ ହେବ । ଯଦି ମୁଁ ନିଜର ପାଦକୁ ଏମାନଙ୍କ ଉପରେ ରଖିଦିଏ,ତାହେଲେ ମୁଁ ଏମାନଙ୍କୁ ଦଳି ଚକୁଟିକି ରଖିଦେବି । ମୁଁ ଏମାନଙ୍କୁ ସୁଯୋଗ ଦେଉଛି ଯେ ଏମାନେ ଉଡି ଚାଲିଯାଆନ୍ତୁ ଏବଂ ବଂଚି ରହନ୍ତୁ । କେବଳ ଥରେ ମାତ୍ର ସେ ଜେଣ ତେଣ ପ୍ରକାରେଣ ଏକଥାକୁ ପ୍ରକାଶ କରିଛି ଯେ ତାକୁ ମିର୍ଜା ଗୁଲାମ ଅହେମଦଙ୍କ ଅସ୍ତିତ୍ୱ ବିଷୟରେ ଜ୍ଞାନ ଅଛି । ସେ ମିର୍ଜା ଗୁଲାମ ଅହେମଦ ସାହେବଙ୍କୁ ବେକୁଫ ମୁହମ୍ମଦୀ ମସିହ ନାମରେ ନାମିତ କରିଥିଲା । ନଉଜୁବିଲ୍ଲାଃ । ଏବଂ ସେ ୧୨ ଡିସେମ୍ବର ୧୯୦୩ ମସିହାରେ ଲେଖିଛି ଯେ ଯଦି ମୁଁ ଈଶ୍ୱରଙ୍କ ନବି ନୁହେଁ ତାହେଲେ ଈଶ୍ୱରଙ୍କର ଏହି ଭୁମଣ୍ଡଳରେ ଆଉ କୌଣସି ନବି ନାହାନ୍ତି । ତାପରେ ଆସନ୍ତା ଜାନୁଆରୀରେ ସେ ଲେଖିଲା ଯେ ମୋ କାମ ହେଉଛି ଏହାକି ଲୋକମାନଙ୍କୁ ପୂର୍ବ, ପଶ୍ଚିମ, ଉତର ଏବଂ ଦକ୍ଷିଣରୁ ବାହାରକୁ ବାହାରକରିବାକୁ ହେବ ଏବଂ ସେମାନଙ୍କୁ ଏହିପରି ଆହୁରି ଦ୍ୱିତୀୟ ସିହ୍ୟୁନ ସହରରେ ଅବସ୍ଥାପିତ କରିବାକୁ ହେବ ଏହା ସେପର୍ଯ୍ୟନ୍ତ ହେବ ଯେପର୍ଯ୍ୟନ୍ତ ମୁସଲମାନମାନେ ନିଶେଷ ନ ହୋଇଯାଛନ୍ତି ଅଲ୍ଲାଃ ସେ ସମୟକୁ ଦେଖାନ୍ତୁ । ଏହା ଡୁଇ ଲେଖିଛି, ଯେବେକି ମିର୍ଜା ସାହେବ ତାକୁ ଭିଷଣ ଭାବରେ ଚ୍ୟାଲେଞ୍ଜ ଦେଇଛନ୍ତି ।

ପୁଣି ଖବରକାଗଜ ଲେଖିଛି ଯେ ମିର୍ଜା ସାହେବ ତାକୁ ଭିଷଣ ଚ୍ୟାଲେଞ୍ଜ ଦେଲେ ଯେ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରନ୍ତୁ ଯେ ଆମମାନଙ୍କ ମଧ୍ୟରୁ ଯିଏ ମିଥ୍ୟାବାଦୀ ସେ ପ୍ରଥମେ ମରିବ । ଡୁଇ ଏପରି ଅବସ୍ଥାରେ ମଲା ଯେ ତା ସାଙ୍ଗସାଥିମାନେ ତାକୁ ଛାଡି ଚାଲିଗଲେ । ତା ଭାଗ୍ୟ ଏତେ ଖରାପ ହେଲା ଯେ ସେ ପକ୍ଷାଘାତ ତଥା ମୁଣ୍ଡ ଖରାପ (ପାଗଳାମୀ ତଥା ବାଚଳାମୀ)ରୋଗରେ ପୀଡିତ ହେଲା । ଫଳତଃ ତାର ମୃତ୍ୟୁ ହେଲା ଏବଂ ଅନ୍ୟ ମାନଙ୍କ ପାଇଁ ତାର ମୃତ୍ୟୁ ଏକ ଶିକ୍ଷଣୀୟ ମୃତ୍ୟୁ ହେଲା ।

ତାପରେ ସେହି ସିହ୍ୟୁନ ସହରଟି ଆଭ୍ୟନ୍ତରୀଣ ବିବାଦ ହେତୁ ନଷ୍ଟ ହୋଇଗଲା । ମିର୍ଜା ସାହେବ ସମ୍ନାକୁ ଆସିଲେ ଏବଂ ସେ ସ୍ପଷ୍ଟ ଭାବରେ କହିଲେ ଯେ ସେ ତାଙ୍କର ଚ୍ୟାଲେଞ୍ଜ ବା ଭବିଷ୍ୟବାଣୀ ଜିତିଛନ୍ତି ଏବଂ ସେ ପ୍ରତ୍ୟେକ ସତ୍ୟାଭିଳାଶୀଙ୍କୁ ସତ୍ୟ ଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରିଛନ୍ତି । ଯେପରି ସେ ଏହାର ଘୋଷଣା କରିଛନ୍ତି । ଆମେରିକାରେ ଥିବା ତାଙ୍କ ପ୍ରତିପକ୍ଷ ଉପରେ ଯେଉଁ ବିପର୍ଯ୍ୟୟ ଓ ବିପତି ପଡିଲା,ସେ ସେହି ବିପର୍ଯ୍ୟୟକୁ ଏକ ଈଶ୍ୱରୀୟ ପ୍ରତିଶୋଧ ଥିଲା ବୋଲି ଅଭିହିତ କରିବା ସହିତ ଈଶ୍ୱରଙ୍କର ଏକ ନ୍ୟାୟପୂର୍ଣ୍ଣ ନିଷ୍ପତି ରୂପରେ ଉପସ୍ଥାପନ କରିଛନ୍ତି । ଉଦାହରଣ ସ୍ୱରୂପ ଜଣେ ଅହେମଦୀ ଏକଥା ବର୍ଣ୍ଣନା କରିଛନ୍ତି ଯେ ଶତୃଙ୍କ ମୃତ୍ୟୁରେ ଖୁସି ବ୍ୟକ୍ତ କରିବା ଉଚିତ ନୁହେଁ ଯେ ଆମେ ଡୁଇଙ୍କ ଜୀବନର କେତେକ ବିଶେଷ ଅବସ୍ଥା ପ୍ରତି ସୂଚାଇବା । ଏପରି ଜିନିଷ ଆମ ମନରୁ ବହୁତ ଦୂରରେ ରହିଥାଏ । ଆମେ ସେହି ବାସ୍ତବିକତାକୁ ନିଜର ଉଦ୍ଦେଶ୍ୟ ନିମନ୍ତେ ତଥା ଆହୁରି ଅଧିକା ସତ୍ୟର ପ୍ରକାଶ ପାଇଁ ପ୍ରକାଶ କରୁଅଛୁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଇସଲାମର ଉଦ୍ଦେଶ୍ୟ ପବିତ୍ର ଧର୍ମର ମୃତ ଲୋକମାନଙ୍କୁ ଅସମ୍ମାନ କରିବା ନୁହେଁ କି ଇସଲାମ ଏହାର ଶିକ୍ଷା ଦେଇନଥାଏ । କିନ୍ତୁ ଏହାର ଏ ଅର୍ଥ ମଧ୍ୟ ନୁହେଁ ଯେ ସତ୍ୟକୁ ସେତେବେଳେ ଲୁଚାଇ ଦିଆଯାଉ ଯେତେବେଳେ ସେହି ସତ୍ୟ ସମାଜର ହିତ ସାଧନ ପାଇଁ ,ମାନବିକତା ପାଇଁ ଏବଂ ସତ୍ୟ ଓ ଈଶ୍ୱରଙ୍କ ଖାତିର ପ୍ରକାଶ ହେଉଥିବ । ପୁଣି ସେ ସେହି ଅହେମଦୀଙ୍କ କଥାକୁ ରିଫରେନ୍ସ ଦେଇ ଲେଖିଛି ଯେ ଡୁଇଙ୍କ ଉପରେ ବିପତି ଅବତୀର୍ଣ୍ଣ କରି ଏବଂ ପରିଶେଷରେ ତାର ଅସମୟ ମୃତ୍ୟୁ କାରଣରୁ ଦୁଃଖ ଏବଂ କଷ୍ଟ ଅବତୀର୍ଣ୍ଣ କରି ଈଶ୍ୱର ନିଜର ନିଷ୍ପତି ଶୁଣାଇ ଦେଇଛନ୍ତି । ଯେମିତି କି ସେ ନିଜ ରସୁଲଙ୍କୁ ଏହି ଘଟଣା ଘଟିବାର ତିନି ଚାରି ବର୍ଷ ପୂର୍ବରୁ ହିଁ ଏ ବିଷୟରେ ବତାଇ ଦେଇଥିଲେ ।

(SUNDAY HERALD-BOSTON JUNE 23, 1907 MAGAZINE SECTION)

ଏହା ଥିଲା ଗୋଟିଏ ଖବରକାଗଜର ନମୁନା ଯାହା ମୁଁ ଏଠାରେ ଉପସ୍ଥାପନ କଲି । ନିଶ୍ଚିତ ଭାବରେ ଏହା ଏକ ବିଜୟ ଥିଲା ଏବଂ ହଜରତ ମସିହ ମଉଦ ଆ ସଙ୍କ ସତ୍ୟତାର ଏକ ପ୍ରମାଣ ମଧ୍ୟ ଥିଲା । କିନ୍ତୁ ଯେମିତି କି ମୁଁ କହିସାରିଛି ଯେ ଆପଣ ଆ ସଙ୍କ ମିଶନ ବହୁତ ବ୍ୟାପକ ମିଶନ ଅଟେ । ଏଠାରେ ତ ଗୋଟିଏ ଅଭିଯାନର, ଗୋଟିଏ ସ୍ଥାନର ବିଜୟ ବିଷୟରେ ଚର୍ଚ୍ଚା କରାଗଲା ।

ଆମର ପ୍ରକୃତ ଖୁସି ତ ସେତେବେଳେ ହେବ,ଯେବେ ଆମେ ଦୁନିଆକୁ ଆଁହଜରତ ସ ଆ ସଙ୍କ ପାଦ ତଳେ ଆଣି ନ ରଖି ଦେଇଛେ । ସେଥିପାଇଁ ଆମକୁ ଏବେ ଏହି ମସଜିଦର ନିର୍ମାଣ ସହିତ ତବଲିଗର ନୂଆ ରାସ୍ତା ଖୋଜିବାକୁ ହେବ ।

ମୁହମ୍ମଦୀ ମସିହଙ୍କ ଦଲିଲଗୁଡ଼ିକୁ ଦୁନିଆ ସମ୍ମୁଖରେ ଉପସ୍ଥାପନ କରିବାକୁ ହେବ । ପୂର୍ବାପେକ୍ଷା ଆହୁରି ଅଧିକ ନିଜର ବ୍ୟବହାରିକ କର୍ମ ଏବଂ ଆଧ୍ୟାତ୍ମିକ ଅବସ୍ଥାକୁ ଉତମ କରିବାକୁ ହେବ । ଯେମିତି କି ମୁଁ କହିସାରିଛି ଯେ ଅସଲ ମହାନ ବିଜୟ ତ ମକ୍କା ବିଜୟ ଥିଲା । କ'ଣ ସେହି ମକ୍କା ବିଜୟ ପରେ ଆଁ ହଜରତ ସ ଆ ସ ଏବଂ ଖୋଲଫାଏ ରାଶେଦୀନ ବା ପରେ ଆସିଥିବା ମୁସଲମାନମାନେ ତବଲିଗ କାର୍ଯ୍ୟକୁ ରୋକି ଦେଇଥିଲେ କି ? କ'ଣ ଇସଲାମର ବାର୍ତାକୁ ଦୁନିଆର କୋଣ ଅନୁକୋଣରେ ପହଂଚାଇବା ପାଇଁ ଭରପୁର ଚେଷ୍ଟା କରାଯାଇ ନଥିଲା କି ? ଯୁଦ୍ଧ କରି ଇଲାକାଗୁଡ଼ିକ ଉପରେ ବିଜୟ ପ୍ରାପ୍ତ କରାଯାଇନଥିଲା କି ? ହଁ ଯୁଦ୍ଧ ହୋଇଥିଲା କିନ୍ତୁ ତାହା ଏଥିଯୋଗୁଁ ହୋଇନଥିଲା ଯେ ଏହା ଦ୍ୱାରା ଧର୍ମର ବିସ୍ତାର ହେବ ବରଂ ଏହା ଦ୍ୱାରା ହୃଦୟକୁ ଜିଣା ଯାଇଥିଲା । ଫଳତଃ ବଳିଦାନ ଦେଉଥିବା ଲୋକମାନେ ଦଳ ଦଳ ହୋଇ ଇସଲାମରେ ସାମିଲ ହୋଇଚାଲିଲେ । ତେଣୁ ହଜରତ ମସିହ ମଉଦ ଆ ସଙ୍କ ଜରିଆରେ ପ୍ରାପ୍ତ ହୋଇଥିବା ବିଜୟକୁ ଅହରହ ତବଲିଗ ଏବଂ ଦୁଆ ଜରିଆରେ ସ୍ଥାୟୀ କରିବାର ଆବଶ୍ୟକତା ରହିଛି ।

ହଜରତ ମସିହ ମଉଦ ଅ ସ ଙ୍କୁ ମାନୁଥିବା ଲୋକମାନଙ୍କର ଗଣନା ସେହି ଆଖରୀନ (ଅର୍ଥାତ ସେହି ଶେଷ) ଲୋକମାନଙ୍କ

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ମଧ୍ୟରେ ହୋଇଥାଏ,ଯେଉଁମାନେ ପ୍ରଥମେ ବିଶ୍ୱାସ ଆଣିଥିବା ଲୋକମାନଙ୍କ ସହିତ ମିଶିଗଲେ । ତାହେଲେ କ'ଣ ସେହି ପୂର୍ବ ଲୋକମାନେ ନିଜର ତବଲିଗ କାର୍ଯ୍ୟକୁ ବନ୍ଦ କରିଦେଇଥିଲେ କି ? ନିଜର ଆଧ୍ୟାତ୍ମିକ ତଥା ନୈତିକ ଅବସ୍ଥାରେ ଉନ୍ନତି ଆଣିବା ବନ୍ଦ କରିଦେଇ ଥିଲେ କି ? ଉପାସନା କରିବାର ସ୍ତରକୁ କମ କରିଦେଇଥିଲେ କି ? ଯେପର୍ଯ୍ୟନ୍ତ ଏହି ଜିନିଷଗୁଡିକ ମୁସଲମାନମାନଙ୍କ ମଧ୍ୟରେ ରହିଥିଲା ସେପର୍ଯ୍ୟନ୍ତ ଇସଲାମ ଅଗ୍ରଗତି କରିଚାଲିଥିଲା ଏବଂ ମୁସଲମାନମାନଙ୍କର ପତନ ସେତେବେଳେ ଆରମ୍ଭ ହେଲା, ଯେତେବେଳେ ସେମାନଙ୍କ ମଧ୍ୟରେ ସଂସାରିକତା ବଢିବାକୁ ଲାଗିଲା ଏବଂ ଧର୍ମପରାୟଣତାର ସ୍ତର ତଳକୁ ତଳ ଖସିବାକୁ ଲାଗିଲା । ଉପାସନାର ସ୍ତର ଦିନକୁ ଦିନ କମ ହୋଇ ଚାଲିଲା । କିନ୍ତୁ ଯେହେତୁ ଅଲ୍ଲାଃତାଲାଙ୍କର ଆଁହଜରତ ସ ଅ ସଙ୍କ ସହିତ ଏ ପ୍ରତିଶୃତି ଥିଲା ଯେ କୟାମତ (ମହା ପ୍ରଳୟ) ଦିନ ପର୍ଯ୍ୟନ୍ତ ସେ ଏହି ଧର୍ମକୁ ସ୍ଥାପିତ କରିବେ ଏବଂ ସ୍ଥିରତା ପ୍ରଦାନ କରିବେ ତେଣୁ ଶେଷ ଯୁଗରେ ମସିହ ମଉଦ ତଥା ମେହେଦୀ ମାହୁଦ (ଆ ସ)ଙ୍କୁ ପଠାଇବେ । ସୁତରାଂ ସେ ପୁଣି ମସିହ ମଉଦ ଆ ସଙ୍କୁ ପଠାଇଲେ । ସେ ଆସି ଜଗତକୁ ନିଜ ଆଗମନ ବିଷୟରେ ବତାଇଲେ ଏବଂ କୌଣସି ସାଧନ ନଥିବା ସତ୍ୱେ ମଧ୍ୟ ୟୁରୋପ, ଆମେରୀକା ଏବଂ ଦୁନିଆର ଅନେକ ଦେଶରେ ତାଙ୍କର ବାର୍ତା ପହଂଚିଲା ଏବଂ ତୁଇ ସମ୍ବନ୍ଧରେ ଆମେ ଏହା ଦେଖୁଅଛୁ ଯେ ତାହା କେତେ ବୈଭବର ସହିତ ପହଂଚିଲା । ହଜରତ ମସିହ ମଉଦ ଆ ସଙ୍କ ଜରିଆରେ ଅଲ୍ଲାଃତାଲା ଇସଲାମର ଦ୍ୱିତୀୟ ଯୁଗର ଯେଉଁ ବୀଜ ରୋପଣ କରିଥିଲେ,ତାହା ବହୁତ ବୈଭବର ସହିତ ଦୁନିଆରେ ବ୍ୟାପିଚାଲିଲା । ଅଲ୍ଲାଃତାଲା ତାଙ୍କ ସହିତ ଅଗଣତି ପ୍ରତିଶୃତି ଦେଇଥିଲେ । ଅଲ୍ଲାଃତାଲା ତାଙ୍କୁ ଐଶୀବାଣୀ କରି କହିଲେ ଯେ : ଅଲ୍ଲାଃତାଲା ଏପରି ନୁହେଁ କି ସେ ତୁମକୁ ଛାଡିଦେବ । ଅଲ୍ଲାଃତାଲା ତୁମକୁ ଅସାଧାରଣ ସମ୍ମାନ ଦେବ । ଲୋକମାନେ ତୁମକୁ ବଂଚାଇବେ ନାହିଁ କିନ୍ତୁ ମୁଁ ତୁମକୁ ବଂଚାଇବି । ***(ଉଦ୍ଧୃତାଂଶ ପୁସ୍ତକ ଅଜାଲାଏ ଅଓହାମ, ରୁହାନୀ ଖଜାଇନ, ଖ-୦୩,ପୃ-୪୪୨)***

ଏହିପରି ଆହୁରି ଅନେକ ପ୍ରତିଶୃତି ରହିଛି ଯାହା ଅଲ୍ଲାଃତାଲା ହଜରତ ମସିହ ମଉଦ ଆ ସଙ୍କ ସହିତ କରିଛନ୍ତି ଏବଂ ଜମାତର ଶହେ ତେତିଶି ବର୍ଷ ଇତିହାସ ଏ କଥାର ମୂକ ସାକ୍ଷୀ ଅଛି ଯେ କିପରି ଅଲ୍ଲାଃତାଲା ନିଜର ପ୍ରତିଶୃତିଗୁଡ଼ିକୁ ପୂରଣ କରିଚାଲିଛନ୍ତି । ଆଜି ଯେଉଁ ଜମାତ ଦୁନିଆର ୨୨୦ ଦେଶରେ ପରିବ୍ୟାପ୍ତ ହୋଇ ରହିଛି,ଏହା ହେଉଛି ଅଲ୍ଲାଃତାଲାଙ୍କର କାମ ଯେ ସେ ଉକ୍ତ ବାର୍ତାକୁ ପହଂଚାଇବାର ସାଧନ ଯୋଗାଇ ଚାଲିଛନ୍ତି । ଏ ଜଗତ ଆଜି ମିର୍ଜା ଗୁଲାମ ଅହେମଦ କାଦିଆନୀଙ୍କୁ ମସିହ ମଉଦ ଏବଂ ମେହେଦି ମାହୁଦ ଭାବରେ ଜାଣୁଅଛି । ଆପଣ ଆ ସ ପ୍ରତ୍ୟେକ ବିରୋଧିଙ୍କୁ ପ୍ରତିଯୋଗିତା ପାଇଁ ଡ଼ାକିଲେ । କିନ୍ତୁ ସେହି ବିରୋଧିମାନଙ୍କୁ ପଳାୟନ କରିବା ବ୍ୟତୀତ ଅନ୍ୟ କୌଣସି ରାସ୍ତା ନଥିଲା ବା ଅଲ୍ଲାଃତାଲା ସେହି ବିରୋଧିମାନଙ୍କୁ ନିଃଶେଷ କରିଦେଲେ । ହଁ ଏକଥା ସତ୍ୟ ଯେ ନବିମାନଙ୍କର ବିରୋଧ ଜାରି ରହିଥାଏ କିନ୍ତୁ ଶତୃ ଯାହା ଚାହିଁଥାଏ ତାହା ହାସଲ କରିପାରେ ନାହିଁ ।

ଜମାତ ଅହେମଦୀୟା ସହିତ ଏହା ହିଁ ହେଉଅଛି । ଶତୃମାନେ ଜମାତ ଅହେମଦୀୟା ନିଃଶେଷ କରିବା ପାଇଁ ନିଜର ସମସ୍ତ ଶକ୍ତି ଏବଂ ସମ୍ବଳକୁ ବିନିଯୋଗ କରିଛନ୍ତି ଏବଂ ଏବେ ବି ଏହା ଜାରି ରହିଛି । ଦୃବଳମନା ଲୋକେ ଏତଦ୍ଦ୍ୱାରା ଧକ୍କା ଖାଉଛନ୍ତି କିନ୍ତୁ ଯଦି ଜଣେ ଯାଉଛି ତ ଅଲ୍ଲାଃତାଲା ତା ବଦଳରେ ହଜାର ହଜାର ପ୍ରଦାନ କରିଦେଉଛନ୍ତି ।

ଅତେବ ଯଦି ଆମେ ନିଷ୍ଠାବାନ ବୋଲି ଦାବି କରୁଅଛେ,ଆମେ ଏ ଦାବି କରୁଅଛେ ଯେ ହଜରତ ମିର୍ଜା ଗୁଲାମ ଅହେମଦ କାଦିୟାନୀ ହେଉଛନ୍ତି ସେହି ମସିହ ମଉଦ ଏବଂ ମେହେଦୀ ମାହୁଦ,ଯାହାଙ୍କ ଆଗମାନ ସମ୍ବନ୍ଧରେ ଆଁହଜରତ ସ ଆ ସ ଭବିଷ୍ୟବାଣୀ କରିଥିଲେ, ତା'ହେଲେ ପୁଣି ଆମକୁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରି ସେହି ମସିହ ଏବଂ ମେହେଦୀଙ୍କର ସାହାଯ୍ୟକାରୀ ହେବାକୁ ପଡ଼ିବ । ସେହି ନମୁନା ଦେଖାଇବାକୁ ପଡ଼ିବ ଯାହାକୁ ସାହାବା ର ଅ ମାନେ ଦେଖାଇଥିଲେ ।

ଆମେ ମୁସଲମାନମାନଙ୍କୁ ମଧ୍ୟ ଗୋଟିଏ ଧର୍ମ (ସମ୍ପ୍ରଦାୟ)ରେ ଏକାଠି କରି ସେମାନଙ୍କ ଭିତରୁ ସବୁ ପ୍ରକାରର କୁପ୍ରଥାକୁ ଶେଷ କରିବାକୁ ହେବ । ସେହିପରି ଅଣ ମୁସଲମାନ ମାନଙ୍କୁ ମଧ୍ୟ ଇସଲାମର ସୁନ୍ଦର ଶିକ୍ଷା ସହିତ ପରିଚିତ କରାଇ ସେମାନଙ୍କୁ ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କୁ ଉପାସନା କରିବା ଏବଂ ଆଁହଜରତ ସ ଆ ସଙ୍କ ଉପରେ ଦରୁଦ ପ୍ରେରଣ କରିବା ନିମନ୍ତେ ପ୍ରସ୍ତୁତ କରାଇବାକୁ ହେବ । ତେବେ ଯାଇ ଆମେ ହଜରତ ମସିହ ମଉଦ ଆ ସଙ୍କ ବୟତର ହକକୁ ପ୍ରଦାନ କରିପାରିବା । ଅନ୍ୟଥା ଆମ ବୟତ କରିବାର ଦାବି କେବଳ ଫମ୍ପା ଦାବି ହେବ । ଏହାକୁ ହାସଲ କରିବା ପାଇଁ ହେଲେ ଆମକୁ ଆମ ଉପାସନାର ସ୍ତରକୁ ଉଚ୍ଚା କରିବାକୁ ହେବ । ନଚେତ ମସଜିଦ ନିର୍ମାଣ କରିବା ଏକ ନିରର୍ଥକ କାର୍ଯ୍ୟ ହେବ । ଆମେ ସେହି ବୟତର ପ୍ରକୃତ ଉଦ୍ଦେଶ୍ୟକୁ ସେତେବେଳେ ପ୍ରାପ୍ତ କରିପାରିବା ଯେତେବେଳେ ଆମେ ନିଜ ଜୀବନର ଉଦ୍ଦେଶ୍ୟକୁ ଚିହ୍ନିବା । ଜୀବନର ଉଦ୍ଦେଶ୍ୟ କଣ ? ହଜରତ ମସିହ ମଉଦ ଆ ସ କହିଛନ୍ତି ଯେ : ମଣିଷ ନିଜ ଜୀବନର ଉଦ୍ଦେଶ୍ୟକୁ ନିଜେ ନିର୍ଣ୍ଣୟ କରିପାରିବ ନାହିଁ । ଅଲ୍ଲାଃତାଲା ହିଁ ମଣିଷକୁ ଜନ୍ମ କରିଛି । ଅଲ୍ଲାଃତାଲା କହିଛନ୍ତି ଯେ ***ଓ୍ୱମା ଖଲକତୁଲ ଜିନ୍ନା ଓ୍ୱଲ ଇନସା ଇଲ୍ଲା ଲି ୟାବୁଦୁନ (ଜାରିୟାତ : ୫୭)***ଅର୍ଥାତ ମୁଁ ଜିନ୍ନ ଏବଂ ମଣିଷକୁ ଉପାସନା କରିବା ପାଇଁ ସୃଷ୍ଟି କରିଛି ।

ହଜରତ ମସିହ ମଉଦ ଆ ସ ଏହି ଆୟତର ଅନେକ ସ୍ଥାନରେ ବ୍ୟାଖ୍ୟା କରିଛନ୍ତି । ଗୋଟିଏ ଅବସରରେ ଆପଣ ଆ ସ ଏପରି ବ୍ୟାଖ୍ୟା କରିଛନ୍ତି : "ମଣିଷ ଜନ୍ମର ମୂଳ ଉଦ୍ଦେଶ୍ୟ ହେଉଛି ଏହା କି ସେ ନିଜର ପାଳନକର୍ତାଙ୍କୁ ଚିହ୍ନୁ ଏବଂ ତାହାଙ୍କ କଥାକୁ ମାନୁ । ଉଦାହରଣ ସ୍ୱରୂପ ଅଲ୍ଲାଃତାଲା କହିଛନ୍ତି ***ଓ୍ୱମା ଖଲକତୁଲ ଜିନ୍ନା ଓ୍ୱଲ ଇନସା ଇଲ୍ଲା ଲି ୟାବୁଦୁନ*** । ମୁଁ ଜିନ୍ନ ଏବଂ ମଣିଷକୁ ଏଇଥିପାଇଁ ସୃଷ୍ଟି କରିଛି ଯେ ସେ ମୋର ଉପାସନା କରନ୍ତୁ । କିନ୍ତୁ ଦୁଃଖର କଥା ହେଉଛି ଏହା କି ଅଧିକାଂଶ ଲୋକେ ଯେଉଁମାନେ ଏ ଦୁନିଆକୁ ଆସୁଛନ୍ତି ସେମାନେ ବୟସ୍କ ହେବା ପରେ ନିଜର କର୍ତବ୍ୟକୁ ବୁଝିବା, ନିଜ ଜୀବନର ଉଦ୍ଦେଶ୍ୟ ଏବଂ ଲକ୍ଷକୁ ସମ୍ମୁଖରେ ରଖିବା ପରିବର୍ତେ ସେମାନେ ଅଲ୍ଲାଃତାଲାଙ୍କୁ ଛାଡି ଏ ସଂସାର ପ୍ରତି ମୁହାଁଇଛନ୍ତି ଏବଂ ଦୁନିଆର ଧନ ସମ୍ପତି ଏବଂ ଏହାର ମାନ ସମ୍ମାନ ପ୍ରତି ଏତେ ମାତ୍ରାରେ ପ୍ରଲୋଭିତ ହୋଇଯାଉଛନ୍ତି ଯେ (ସେମାନଙ୍କ ମଧ୍ୟରେ) ଅଲ୍ଲାଃତାଲାଙ୍କର ଅଂଶ ବହୁତ କମ ରହିଥାଏ ଓ ବହୁତ ଲୋକଙ୍କ ହୃଦୟରେ ତ କିଛି (ଅଂଶ) ବି ନଥାଏ । ସେମାନେ ଏହି ଦୁନିଆରେ ହିଁ ହଜିଯାଆନ୍ତି ଏବଂ ବିନିଷ୍ଟ ହୋଇଯାଇଥାନ୍ତି । ସେମାନଙ୍କୁ ଏ ଖବର ବି ନଥାଏ ଯେ ଅଲ୍ଲାଃ ବୋଲି କିଏ ଅଛି । ହଁ ସେତେବେଳେ ତାଙ୍କୁ ଜଣାପଡ଼ିଥାଏ, ଯେବେ ଆତ୍ମାକୁ କବ୍ଜା କରୁଥିବା ସତା ଆସି ଜୀବନ ନେଇଥାଏ ***(ମଲଫୁଜାତ,ଖ-୦୭,ପୃ-୧୭୭-୧୭୮,ଏଡିଶନ ୧୯୮୪)*** ଯେବେ ମୃତ୍ୟୁର ସମୟ ଆସି ଉପନୀତ ହୋଇଯାଇଥାଏ ।

ଆମେ ସମସ୍ତେ,ଯେଉଁମାନ ଏହି ଯୁଗର ଇମାମଙ୍କୁ ମାନିବାର ଦାବି କରୁଅଛେ,ଆମର କାମ ଏହା ନୁହେଁ ଯେ ଏପରି ଜୀବନ ଅତିବାହିତ କରିବା । ଆମକୁ ତ ଏହି ଜୀବନର ଉଦ୍ଦେଶ୍ୟକୁ ଚିହ୍ନିବାକୁ ଚେଷ୍ଟା କରିବା ସହିତ ଉପାସନାର ପ୍ରକୃତ ହକକୁ ନିର୍ବାହ କରିବା ଉଚିତ । ତାପରେ ଯାଇ ଏହି ସୁନ୍ଦର ମସଜିଦ ପ୍ରତି ଲୋକମାନଙ୍କର ଧ୍ୟାନ ଆକର୍ଷଣ ହେବ, ତାପରେ ଯାଇ ଆମେମାନେ ଇସଲାମର ବାର୍ତାକୁ ସଠିକ ରଙ୍ଗରେ ଆଗକୁ ପହଂଚାଇ ପାରିବା,ତାପରେ ଯାଇ ଆମେମାନେ ମସିହ ମଉଦ ଆ ସଙ୍କ ମିଶନକୁ ପୂରଣ କରିପାରିବା । ତେବେ ଆମେ ନିଜର ପ୍ରୟାସକୁ ଅଲ୍ଲାଃଙ୍କ ସାହାଯ୍ୟ ଦ୍ୱାରା ପ୍ରାପ୍ତ କରିବା ପାଇଁ ଚେଷ୍ଟା କରିବା । ଏହା ସେତେବେଳେ ପର୍ଯ୍ୟନ୍ତ ହୋଇପାରିବ ନାହିଁ ଯେତେବେଳ ପର୍ଯ୍ୟନ୍ତ ଆମେ ନିଜ ଉପାସନାର ହକକୁ ନିର୍ବାହ ନକରିଛେ । ସୁତରାଂ ପ୍ରତ୍ୟେକ ଅହେମଦୀ ଏହା ବିଷୟରେ ଚିନ୍ତା କରିବା ଉଚିତ ଯେ ସେ ନିଜ ଉପାସନାର ହକକୁ ନିର୍ବାହ କରିବାକୁ ନିଜ ଜୀବନର ଏକ ଅଂଶ ବିଶେଷ କରିବା ପାଇଁ ଚେଷ୍ଟା କରୁ । ଯଦ୍ଦ୍ୱାରା ଅଲ୍ଲାଃତାଲାଙ୍କ କୃପାକୁ ଲାଭ କରି ନିଜର ଇହକାଳ ଏବଂ ପରକାଳକୁ ସୁଧାର କରିପାରିବ ।

ଅତେବ ଆଜି ଏହି ମସଜିଦର ଉଦଘାଟନ ସେତେବେଳେ ମହାନ ହେବ ଯେବେ ଆମେ ଏହାର ବାସ୍ତବିକତାକୁ ଜାଣି ପାରିବା ଯେ ଆମ ଜୀବନର ଉଦ୍ଦେଶ୍ୟ କ'ଣ । ଅନ୍ୟଥା ଏ ସଂସାରରେ ଅଗଣତି ସୁନ୍ଦର ମସଜିଦମାନ ରହିଛି । ବହୁତ ଉଚ୍ଚ କୋଟିର ମସଜିଦମାନ ଅଛନ୍ତି କିନ୍ତୁ ସେଠାକୁ ଆସୁଥିବା ଲୋକେ ନିଜ ଜନ୍ମର ଉଦ୍ଦେଶ୍ୟକୁ ପୂରଣ କରୁନାହାଁନ୍ତି । ଉପାସନା କେବଳ ଏତିକି ନୁହେଁ ଯେ ଶୀଘ୍ର ଶୀଘ୍ର ପାଂଚବେଳା ନମାଜ ବା କିଛି ନମାଜକୁ ମୁଣ୍ଡିଆ ମାରି ଶେଷ କରିଦେବା । ବରଂ ସେହି ନାମଜକୁ ସଠିକ ଭାବରେ ପଢିବ ଉଚିତ । ଆଁ ହଜରତ ସ ଆ ସ ଜଣେ ବ୍ୟକ୍ତିଙ୍କୁ ତିନି ଚାରି ଥର, ବାରମ୍ବାର ନମାଜ ପାଠ କରିବା ପାଇଁ କେବଳ ଏଥି ସକାଶେ ନିର୍ଦ୍ଦେଶ ଦେଲେ ଯେ ମହାଭାଗ ସ ଆ ସଙ୍କ ନିକଟରେ ସେହି ବ୍ୟକ୍ତି ଜଣକ ନମାଜ ପଢିବାର ପ୍ରକୃତ ଶୈଳୀକୁ ଅନୁସରଣ କରୁନଥିଲା ଏବଂ ଯେଉଁଭଳି ସୁନ୍ଦର ଭାବରେ ନମାଜକୁ ପାଠ କରିବା କଥା ସେ ସେହିପରି ପାଠ କରୁନଥିଲା । **(ସହି ବୁଖାରୀ,କିତାବୁଲ ଅଜାନ ବାବ ଓ୍ୱଜୁବୁଲ କିରାତ ଲିଇମାମ...ହଦିସ-୭୫୭)**

ଅତେବ ନମାଜକୁ ମଧ୍ୟ ତାହାର ପ୍ରକୃତ ଶୈଳୀରେ ପାଠ କରିବା ଉଚିତ । ତେବେ ଯାଇ ଅଲ୍ଲାଃତାଲାଙ୍କ ନିକଟତା ଏବଂ ସାନିଧ୍ୟ ଆମକୁ ମିଳିପାରିବ । ଏହିପରି ଭାବରେ ଉପାସନାଗୁଡ଼ିକର ଗ୍ରହଣୀୟତା ସେତେବେଳେ ହୋଇଥାଏ,ଯେବେ ଆମେ ଅଲ୍ଲାଃଙ୍କ ପ୍ରାଣୀଜଗତ ପ୍ରତି ଥିବା ଆମର କର୍ତବ୍ୟକୁ କରୁଥିବା । ଦେଖନ୍ତୁ ଯେଉଁମାନେ ଲୋକମାନଙ୍କର ହକକୁ (ଅଧିକାରକୁ) ମାରୁଛନ୍ତି,ସେମାନଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family, Jamat Ahmadiyya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2023-2025 Vol.8 Thursday 23 FEB-02 MARCH 2023 Issue No.8-9

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.11.50/-) (**WEIGHT** - 20-50gms/issue)

କହିଛନ୍ତି ଯେ ସେମାନଙ୍କ ନମାଜ ସେମାନଙ୍କ ପାଇଁ ଧ୍ୱଂସର କାରଣ ହେବ । ସେହି ନମାଜ ସେମାନଙ୍କ ମୁହଁ ଉପରକୁ ଫିଙ୍ଗା ଯିବ । ତେଣୁ ଆମର ଉଦ୍ଦେଶ୍ୟ ଏହା ହେବା ଉଚିତ ଯେ ଆମେ କିପରି ମସଜିଦକୁ ଆବାଦ କରିବା, ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ ପରିଚାଳିତ ହୋଇ ଏହାକୁ ଆବାଦ କରିବା ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭା କରିବା ପାଇଁ ଏହା କରିବା ଉଚିତ ।

ଯେଉଁ ବ୍ୟକ୍ତିଙ୍କୁ ହଜରତ ମସିହ ମଉଦ ଆ ସ ଚ୍ୟାଲେଞ୍ଜ ଦେଇଥିଲେ,ସେହି ବ୍ୟକ୍ତି ଜଣକ କ'ଣ ଚାହୁଁଥିଲା ? ସେ ଧର୍ମ ନାମରେ ଦୁନିଆ ଉପରେ ଶାସନ କରିବାକୁ ଚାହୁଁଥିଲା । ତେଣୁ ସେ ମସିହ ଆ ସଙ୍କ ନାମକୁ ବ୍ୟବହାର କଲା। ସେ ବଡ ବଡ ଦାବି କଲା ଯେ ସେ ମସିହ ମୁହମ୍ମଦୀଙ୍କ ସହିତ ଏମିତି କରିଦେବ ସେମିତି କରିଦେବ ଇତ୍ୟାଦି ଇତ୍ୟାଦି । ଯେମିତି କି ମୁଁ ଗୋଟିଏ ଖବରକାଗଜର ରିଫରେନ୍ସ ଦେଇ ବର୍ଣ୍ଣନା କରିସାରିଛି । ଯେତେବେଳେ ହଜରତ ମସିହ ମଉଦ ଆ ସ ତାକୁ ଦୁଆ କରିବା ପାଇଂ ଚ୍ୟାଲେଞ୍ଜ ଦେଲେ,ସେତେବେଳେ ତାର ପରିଣାମ ପ୍ରକାଶ ପାଇଲା । ଏ ଦୁନିଆ ସବୁ ଦୃଷ୍ଟିରୁ ଏବଂ ସବୁ କ୍ଷେତ୍ରରୁ ଡୁଇର ଅପମାନ ଏବଂ ତିରସ୍କାରକୁ ଦେଖିନେଲା । ଏତେ ସ୍ୱଷ୍ଟ ନିଦର୍ଶନ (ଐଶୀ ଚିହ୍ନ) ପ୍ରକାଶ ପାଇଲା ଯେ ଖବରକାଗଜଗୁଡ଼ିକ ମଧ୍ୟ ଏକଥାକୁ ସ୍ୱୀକାର କରିନେଲେ । କାରଣ ଏହା କରିବା ବିନା ସେମାନଙ୍କର ଅନ୍ୟ କୌଣସି ଉପାୟ ନଥିଲା,ଏବଂ ମିର୍ଜା ଗୁଲାମ ଅହେମଦଙ୍କୁ ମହାନ ବୋଲି ଘୋଷଣା କରିବା ଏବଂ ଅଭିହିତ କରିବା ପାଇଁ ବାଧ୍ୟ ହୋଇଗଲେ । କିନ୍ତୁ କ'ଣ ଏହି ମହାନ ବିଜୟର ଆନନ୍ଦରେ ଆମେ କେବଳ ଗୋଟିଏ ସ୍ମାରକି ମସଜିଦ ନିର୍ମାଣ କରି ଖୁସି ହୋଇଯିବା କି ? ଯେମିତି କି ମୁଁ କହିସାରିଛି । ଆମେ ହଜରତ ମସିହ ମଉଦ ଆ ସଙ୍କ ଦୁଆ (ପ୍ରାର୍ଥନାର) ଫଳକୁ ଖାଇଲେ ଏବଂ ଏପର୍ଯ୍ୟନ୍ତ ଖାଇଚାଲିଛନ୍ତି କିନ୍ତୁ ହଜରତ ମସିହ ମଉଦ ଆ ସ ନିଜ ଅନୁଗାମୀମାନଙ୍କୁ ମଧ୍ୟ ସେହି ସମାନ ପଦାଙ୍କ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି ଯାହା ହେଉଛି ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାର ପ୍ରକୃତ ମାର୍ଗ । ହଜରତ ମସିହ ମଉଦ ଆ ସ ସେହି ଚ୍ୟାଲେଞ୍ଜ କେବଳ ତାକୁ ନିଃଶେଷ କରିବା ପାଇଁ ଦେଇ ନଥିଲେ ବରଂ ଇସଲାମର ମହାନତାକୁ ପ୍ରତିଷ୍ଠା କରିବା ପାଇଁ ଦେଇଥିଲେ । ଏଇଥିପାଇଁ ଦେଇଥିଲେ ଯେ ଏବେ ମସିହ ମୁହମ୍ମଦୀ (ଅର୍ଥାତ ମୁହମ୍ମଦ ସ ଆ ସଙ୍କ ମସିହ)ଙ୍କ ରାଜତ୍ୱ ଏ ଦୁନିଆରେ ପ୍ରତିଷ୍ଠା ହେବ,ଯାହା ହଜରତ ମୁହମ୍ମଦ ରସୁଲୁଲ୍ଲାଃ ସ ଆ ସ ଙ୍କ ଧ୍ୱଜା / ପତାକାକୁ ଉତୋଳନ କରି ଏକ ଏବଂ ଅଦ୍ୱିତୀୟ ଅଲ୍ଲାଃଙ୍କ ରାଜତ୍ୱକୁ ଦୁନିଆରେ ପ୍ରତିଷ୍ଠା କରିଦେବ ।

ତେଣୁ ବର୍ତମାନ ଏହା କରିବା ହେଉଛି ଆମର କାମ । ଆମେ ଏ ଦାବି କରୁଛେ ଯେ ଆମେ ମସିହ ମଉଦ ଆ ସଙ୍କ ଜମାତରେ ସାମିଲ ହୋଇଛେ । ତେଣୁ ମସିହ ମୁହମ୍ମଦୀଙ୍କ ବାର୍ତାକୁ ଦେଶର କୋଣ ଅନୁକୋଣରେ ପହଂଚାଇ ଦିଅନ୍ତୁ । ଏହା ହେଉଛି ଆମର କାର୍ଯ୍ୟା ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ସେମାନଙ୍କ ଉପରେ ପ୍ରମାଣିତ କରନ୍ତୁ ଏବଂ ଏହି କାମ ସେତେବେଳେ ହେବ ଯେବେ ଆମେ ନିଜେ ଅଲ୍ଲାଃତାଲାଙ୍କ ସହିତ ନିଜି ସମ୍ପର୍କ ସ୍ଥାପନ କରିବା । ଧର୍ମପରାୟଣତାରେ ଆଗକୁ ବଢିବା।

ହଜରତ ମସିହ ମଉଦ ଆ ସ କୁହନ୍ତି : "ଆମ ଜମାତ ପାଇଁ ବିଶେଷ ଭାବରେ ତକୱା (ଅର୍ଥାତ ଧର୍ମପରାୟଣତା) ର ଆବଶ୍ୟକତା ରହିଛି । ବିଶେଷ କରି ଏ ଆଧାରରେ ସେମାନେ (ଅର୍ଥାତ ଆମ ଜମାତ) ଏପରି ଜଣେ ବ୍ୟକ୍ତି ସହିତ ସମ୍ପର୍କ ରଖିଛନ୍ତି....ଯାହାର ଦାବି ହେଉଛି ମାମୁରିୟତର ଦାବି (ଅର୍ଥାତ ସେହି ବ୍ୟକ୍ତ ଜଣକ ଅଲ୍ଲାଃଙ୍କ ଦୂତ ହେବାର ଦାବି କରିଛି) । ଯଦ୍ୱାରା ସେହି ଲୋକମାନେ, ଯେଉଁମାନେ କୌଣସି ପ୍ରକାରର ବିଦ୍ୱେଷଭାବ, କୌଣସି ପ୍ରକାରର ସିର୍କ (ଅନେକେଶ୍ୱରବାଦ) ରେ ଲିପ୍ତ ରହିଥିଲେ ବା ଯେଉଁ ପ୍ରକାରର ବି ସାଂସାରିକତାରେ ବୁଡି ରହିଥିଲେ,ସେମାନେ ଏହି ସମସ୍ତ ବିପଦରୁ ମୁକ୍ତି ପାଇପାରିବେ । *(ମଲଫୁଜାତ,ଖ-୦୧,ପୃ-୧୦,ଏଡିଶନ ୧୯୮୪)*

ତେଣୁ ନିଜ ଅନ୍ତରକୁ ସଫା କରିବା ବହୁତ ଜରୁରୀ । ଯେବେ ଏହି ଅନ୍ତର ସଫା ହୋଇଯିବ ସେତେବେଳେ ତକୱା (ଧର୍ମପରାୟଣତା) ସୃଷ୍ଟି ହେବ । ତା'ପରେ ଏ ଦୁନିଆ ଦେଖିବ ଯେ କିପରି ନିଦର୍ଶନ ପରେ ନିଦର୍ଶନ ପ୍ରକାଶ ପାଇଚାଲିବେ,ଏବଂ ଏହା ହେଉଛି ସେହି ସ୍ଥାନ ଯେଉଁଠାରୁ ବିଜୟର ମାର୍ଗ ଆଗକୁ ଆଗକୁ ଖୋଲିଚାଲିବ । ଇନଶାଅଲ୍ଲାଃ । ଏବଂ ଏହା ହେଉଛି ଏପରି ଅବସ୍ଥା ଯେଉଁ ଅବସ୍ଥାରେ ଆମେ ଫତହ ଅଜୀମ (ଅର୍ଥାତ ମହାନ ବିଜୟ) ର ବାସ୍ତବିକତାକୁ ଦେଖିବା । ତେଣୁ ହେ ମସିହ ମୁହମ୍ମଦୀ (ଅର୍ଥାତ ମୁହମ୍ମଦ ସ ଆ ସଙ୍କ ମସିହ)ଙ୍କ ଦାସମାନେ ! ପ୍ରତ୍ୟେକ ବିଜୟର ସଂକେତ/ଚିହ୍ନ ଆମ ଭିତରେ ଏକ ବିପ୍ଲବ ସୃଷ୍ଟି କରିବା ଉଚିତ । ଅତଃ ଏ ପ୍ରତିଜ୍ଞା ଓ ପ୍ରତିବଦ୍ଧତା କରନ୍ତୁ ଯେ ଆଜିର ଦିନଟି ଆମ ମଧ୍ୟରେ ଏକ ଆଧ୍ୟାତ୍ମିକ ବିପ୍ଲବ ଆଣିବାର ଦିନ ହେଉ ।

ଆମ ପିଲାମାନଙ୍କ ପାଇଁ,ଆମ ଆସନ୍ତା ପିଢିଙ୍କ ପାଇଁ ମଧ୍ୟ ଆଧ୍ୟାତ୍ମିକ ବିପ୍ଲବ ଆଣିବାର ଦିନ ହେଉ ଏବଂ ହେବା ଉଚିତ ମଧ୍ୟ । ନଚେତ ଡୁଇର ମୃତ୍ୟୁ ଦ୍ୱାରା ବା ଏହି ସହରର ଲୋକମାନଙ୍କ ଦ୍ୱାରା, ଯେଉଁମାନେ ଡୁଇର ନାମ ସହିତ ପରିଚିତ ନଥିଲେ,ଏବଂ ଆମେ ସେମାନଙ୍କୁ ଏ ବିଷୟରେ ପରିଚିତ କରାଇଦେଲେ, ସେମାନଙ୍କଠାରୁ ଆମକୁ କଣ ବା ଲାଭ ମିଳିବ । ଆମକୁ ସେତେବେଳେ ଏହାର ଲାଭ ମିଳିବ ଯେତେବେଳେ ଏହି ମହାନ ବିଜୟର ଭବିଷ୍ୟବାଣୀ ପୂରଣ ହେବା ଦ୍ୱାରା ଆମ ମଧ୍ୟରେ ମଧ୍ୟ ଏକ ବିପ୍ଲବ ସୃଷ୍ଟି ହେବ ଓ ଏକ ପରିବର୍ତନ ଦେଖାଯିବ,ଏକ ମହାନ ବିପ୍ଲବ ସୃଷ୍ଟି ହେବ,ଏବଂ ଆମ ଦେଶବାସୀ ମଧ୍ୟ ତଥା ଏ ସଂସାରବାସୀ ମଧ୍ୟ ହଜରତ ମୁହମ୍ମଦ ରସୁଲୁଲ୍ଲାଃ ସ ଅ ସ ଙ୍କ ଦାସତ୍ୱର ଜୁଆଳିକୁ ନିଜ କାନ୍ଧ ଉପରେ ରଖିନେବେ । ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ସ୍ୱୀକାର କରିନେବେ ଏବଂ ତାହା ପାଇଁ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବାପାଇଁ ପ୍ରସ୍ତୁତ ହୋଇଯିବେ ।

ଅଲ୍ଲାଃତାଲା ଆମକୁ ଏବଂ ଆମ ଆସନ୍ତା ପିଢିଙ୍କୁ ମଧ୍ୟ ଏହି ସ୍ଥାନ (ଏହି ସ୍ତର)କୁ ପ୍ରାପ୍ତ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧ ର ଅବଶିଷ୍ଟାଂଶ ......*

ଏହିପରି ଅଭାବ ସମୟ ଚାଲିଥିବା ସତ୍ୱେ ବି ହଜରତ ଇମାମ ଜମାଅତ ଅହେମଦୀୟା ନିଜର ସଂକଳ୍ପ ଓ ପ୍ରତିବଦ୍ଧତାକୁ ପ୍ରକାଶ କଲେ, ଏବଂ ନିଜ ଜମାଅତର ନିଷ୍ଠା ଏବଂ ବଳିଦାନର ଗୁଣବତାକୁ ଦୃଷ୍ଟିରେ ରଖି ନିଜ ଭାଗରେ ପଡିଥିବା ତେର ହଜାର ଟଙ୍କାରୁ କିଛି ହ୍ରାସ କରିବା ପରିବର୍ତେ ଏହି ଶୁଦ୍ଧି ଆନ୍ଦୋଳନ ପ୍ରସଙ୍ଗରେ ପଚାଶ ହଜାର ଟଙ୍କା ସଂଗ୍ରହ କରିବା ପାଇଁ ଘୋଷଣା କଲେ,ଯାହା ଇସଲାମର ସମର୍ଥନରେ ଶୁଦ୍ଧି ଆନ୍ଦୋଳନର ଜୁଆରର ଦିଗକୁ ପାଲଟାଇବା ପାଇଁ ଖର୍ଚ୍ଚ କରାଯିବ ।

ଯେତେବେଳେ ହଜରତ ଖଲିଫତୁଲ ମସିହ ସେହି ଫିତନା (ବିଭ୍ରାଟ)କୁ ମୂଳୋତ୍ପାଟନ କରିବା ନିମନ୍ତେ ଜମାତ ଅହେମଦୀୟା ତରଫରୁ ପଚାଶ ହଜାର ଟଙ୍କା ଦେବା ପାଇଁ ଘୋଷଣା କଲେ,ସେତେବେଳେ ଜମାତ ଅହେମଦୀୟାର ଆର୍ଥିକ ଅବସ୍ଥାର ସ୍ଥିତି କଣ ଥିଲା,ଏଠାରେ ସେ ବିଷୟରେ କିଛିଟା ଡାଟା ଉପସ୍ଥାପନ କରିବା ଉଚିତ ହେବ ଯେ ସେହି ଆର୍ଥିକ ବଳିଦାନ ପାଇଁ ଜମାତ ତରଫରୁ ଦିଆଯାଇଥିବା ପ୍ରତିଶୃତି ସମୟରେ ଜମାତର ଆର୍ଥିକ ପରିସ୍ଥିତି କିପରି ଥିଲା ? ଯଦି ଆମେ ଆଜିର ମାନଦଣ୍ଡରେ ଦେଖିବା,ତା'ହେଲେ ପଚାଶ ହଜାର ଟଙ୍କାର ପରିମାଣ ଏତେ ମାମୁଲି ଲାଗିବ ଯେ ଜମାଅତ ଅହେମଦୀୟାର ଅନେକ ଏପରି ଲୋକ ଅଛନ୍ତି,ଯେଉଁମାନେ ବ୍ୟକ୍ତିଗତ ଭାବରେ ଆଠାରୁ ଅଧିକା ଅର୍ଥରାଶି ଧର୍ମସେବା ପାଇଁ ପେଶ କରିପାରିବେ,ଏବଂ ଏବେ ସେମାନେ କରୁଛନ୍ତି ବି । କିନ୍ତୁ ସେ ସମୟରେ ଯେଉଁ ଅବସ୍ଥା ଥିଲା,ତାହା ବର୍ତମାନ ସମୟଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ପ୍ରଥମତଃ ସେ ସମୟର ଏବଂ ଆଜିର ମୂଲ୍ୟରେ ଆକାଶ ପାତାଳର ପାର୍ଥକ୍ୟ ରହିଛି । ଦ୍ୱିତୀୟତଃ ଜମାତର ଆର୍ଥିକ ଅବସ୍ଥା ସେତେବେଳେ ଅତ୍ୟନ୍ତ ଖରାପ ଥିଲା ଏବଂ ଆମଦାନୀର ମାଧ୍ୟମ ମଧ୍ୟ ବହୁତ କମ ଓ ସୀମିତ ଥିଲା ।

ଶୁଦ୍ଧି ଆନ୍ଦୋଳନର କେବଳ ଏକ ବର୍ଷ ପୂର୍ବେ ଅର୍ଥାତ ୧୯୨୨ ମସିହାର ମଶାୱରତ ରିପୋର୍ଟକୁ ଦେଖିଲେ,ଏହା ସ୍ୱଷ୍ଟ ହୋଇଯାଉଛି ଯେ ଏକ ନିୟମିତ କାର୍ଯ୍ୟସୂଚୀ ଅନୁସାରେ ଏହି ବିଷୟ ଉପରେ ତର୍ଜମା କରାଯାଇଥିଲା ଯେ ଜମାତ ଅହେମଦୀୟା ଯେଉଁ ଆର୍ଥିକ ସଂକଟ ଦେଇ ଗତି କରୁଅଛି,ତାହାର ସମାଧାନର ରାସ୍ତାକୁ କିପରି ବାହାର କରାଯାଇ ପାରିବ ।

କ୍ରମଶଃ......

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan